# ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା; ବାଲେଶ୍ୱର ବିଜେଡିର ଗଣ ବିକ୍ଷୋଭ

ବାଲେଶ୍ୱର,୧୨।୫(ସମିସ)



ଓଡ଼ିଶାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ମଙ୍ଗଳବାର ବାଲେଶ୍ୱର ବିଜେଡି ପକ୍ଷରୁ ଗଣବିକ୍ଷୋଭ, ପ୍ରତିବାଦ ଓ ପଥପ୍ରାନ୍ତ ସଭା ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସାରା ଜିଲ୍ଲାର ବରିଷ୍ଠ ନେତୃତ୍ୱମାନେ ଉପସ୍ଥିତ ରହି ବିଜେପି ସରକାରର ଅପାରଗତାକୁ ନିନ୍ଦା କରିବା ସହ ମଣିଷମରା ସରକାର ବୋଲି ସମ୍ବୋଧିତ କରିଛନ୍ତି। ଏ ସରକାର ଲୋକଙ୍କୁ ସୁରକ୍ଷା ଦେବାରେ ଅସମର୍ଥ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଜରୁରୀ ବୋଲି ସମସ୍ତେ ଦାବି କରିଥିଲେ। ଏଥିସହ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଶାସନ ପରେ ଓଡ଼ିଶାରେ ଉତ୍ତରପ୍ରଦେଶ ଓ ବିହାର ପରି ଆଇନ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜରୁରୀ ହୋଇଥିବା ବକ୍ତବ୍ୟରେ ନେତୃତ୍ୱମାନେ କହିଥିଲେ। ପ୍ରତିଦିନ ବୀଭତ୍ସ ହତ୍ୟା, ଦୁଷ୍କର୍ମ ପରି ଅମାନବୀୟ ଦୃଶ୍ୟ ସାମ୍ନାକୁ ଆସୁଥିବା ବେଳେ ନିକଟରେ ବାଲିଅନ୍ତାରେ ପୁଲିସ କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଖୋଦ୍ ପୁଲିସ ଉପସ୍ଥିତିରେ ପିଟି ପିଟି ନିର୍ମମ ହତ୍ୟା କରାଯାଇଛି। ସମାନଭାବେ ଅନିୟନ୍ତ୍ରିତ ଆଇନ ବ୍ୟବସ୍ଥା ପରିଚାଳନା ଯୋଗୁଁ ଢେଙ୍କାନାଳ, ନୟାଗଡ଼, ବାଲେଶ୍ୱର ଆଦି ବିଭିନ୍ନ ଜିଲ୍ଲାରେ ବିପର୍ଯ୍ୟୟ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଥିବା ଅଭିଯୋଗ କରି ବିଜେଡି କର୍ମକର୍ତ୍ତାମାନେ ନାରାବାଜି କରିଛନ୍ତି। କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବିଜେଡିର ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ ମଞ୍ଚ ଆହ୍ୱାନ କରିଥିବା ବେଳେ ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ବରିଷ୍ଠ ନେତୃତ୍ୱଙ୍କ ମଧ୍ୟରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଗୌତମବୁଦ୍ଧ ଦାସ, ରାଜ୍ୟ ଉପସଭାପତି ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦିକା ତଥା ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସ୍ୱରୂପ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଗିରିଶ ଦାସ, ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରେମୁଣା ବିଧାୟିକା ପ୍ରାର୍ଥିନୀ ବିଦ୍ୟୁସ୍ମିତା ମହାଳିକ, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଉର୍ମିଳତା ଦାସ, ବସ୍ତାର ବରିଷ୍ଠ ନେତା ମହାଦେବ ଦାସ, ରେମୁଣା ବ୍ଲକ ଚେୟାରମ୍ୟାନ ରାଜେନ୍ଦ୍ର ରାଉତ, ବାଲେଶ୍ୱର ପୌର ଉପାଧ୍ୟକ୍ଷ କୈଳାସ ସେଠୀ, ଟାଉନ ମହିଳା ସଭାନେତ୍ରୀ ମୀନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଜେପି ବିରୁଦ୍ଧରେ ବିଷୋଦଗାର କରିଥିଲେ। ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ସେହିପରି ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ଜିଲ୍ଲାର ସମସ୍ତ ପୌରପାଳିକା ଓ ଏନଏସିର ପୌରାଧ୍ୟକ୍ଷ, ପୌରଉପାଧ୍ୟକ୍ଷ, ସମସ୍ତ କାଉନସିଲର, ସରପଞ୍ଚ, ସମିତିସଭ୍ୟ, ୱାର୍ଡ କାଉନସିଲର, ମହିଳା, ଯୁବ-ଛାତ୍ର ଜନତାର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଲେଶ୍ୱର ଟାଉନର ସଞ୍ଜୟ ବେହେରା, ରୀତିକ ଜୀ, କାର୍ତ୍ତିକ ସାହୁ, ସେକ ଆୟୁବ, ସେକ ଅନସର ଅଲ୍ଲୀ, ସୁବୋଧ ମହାନ୍ତି, ବିଶ୍ୱଜିତ ମହାପାତ୍ର, ଦେବାଶିଷ ଦାସ, ଅଶୋକ ଆଦ୍ୟ, ନଳିନୀ ରଞ୍ଜନ ଦାସ, ସେକ ସାକିର, ରମେଶ ପଟ୍ଟନାୟକ, ଅନୁପ ଚାଟାର୍ଜୀ, ଯୁବ ନେତା ଭାରତ ଭୂଷଣ ଦାସ, ପୂର୍ବତନ ଯୁବ ସଭାପତି ତାପସ ପରିଡ଼ା, ରାଜ୍ୟ ଯୁବ ଉପସଭାପତି ତାପସ ପାଣିଗ୍ରାହୀ, ଯୁବନେତା ଉମାଶଙ୍କର ତିଆଡ଼ି, ଛାତ୍ରନେତା ହରେକୃଷ୍ଣ ପ୍ରଧାନ, ସୁବ୍ରତ କୁମାର ବାଗ, ଜଗବନ୍ଧୁ ବାଡ଼ି, ରାଜକିଶୋର ବେହେରା, ଜ୍ୟୋତିପ୍ରକାଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପଶ୍ଚିମବଙ୍ଗକୁ ଗୋ-ଚାଲାଣ ବେଳେ କଣ୍ଟେନର ଜବତ

ଜଳେଶ୍ୱର, ୧୨।୫ (ସମିସ): ପଶ୍ଚିମବଙ୍ଗକୁ ଗୋ-ଚାଲାଣ ବେଳେ ଗୋ ରକ୍ଷକଙ୍କ ଦ୍ୱାରା କଣ୍ଟେନର ଜବତ। ଆଜି ସନ୍ଧ୍ୟାରେ ଏକ ଗୋରୁ ବୋଝେଇ କଣ୍ଟେନର ଓଡିଶା ସୀମା ପାର ହୋଇ ପଶ୍ଚିମବଙ୍ଗରେ ପ୍ରବେଶ କରୁଥିବା ବେଳେ ପଶ୍ଚିମବଙ୍ଗର ନାକା ପଏଣ୍ଟଠାରେ ଗୋ ରକ୍ଷକ ମାନଙ୍କ ଦ୍ୱାରା ଧରା ପଡିଥିଲା। ଓଟିଡିସିର କଣ୍ଟେନର ମଧ୍ୟରେ ୨୦ରୁ ଉର୍ଦ୍ଧ ଗୋରୁ ବୋଝେଇ ହୋଇ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ବେଳେ ଧରା ପଡିଥିଲା। ପଶ୍ଚିମବଙ୍ଗର ପୋଲିସ ଏହି କଣ୍ଟେନରକୁ ଓଡିଶା ମଧ୍ୟକୁ ଫେରାଇ ଦେଉଥିବା ବେଳେ ଘଟଣା ସ୍ଥଳରେ ଗୋ ରକ୍ଷକ ଯୁବକ ମାନଙ୍କ ମଧ୍ୟରେ ଉତେଜନା ଦେଖାଦେଇଥିଲା। ଶେଷରେ ପଶ୍ଚିମବଙ୍ଗର ଯୁବକ ମାନେ ଏହାକୁ ବେଲଦା ନିକଟରେ ଥିବା ଗୋଶାଳାକୁ ନେଇଯିବା ପାଇଁ ଜିଦ ଧରିବା ଫଳରେ ପୁଲିସ ଗାଡିଟିକୁ ପଶ୍ଚିମବଙ୍ଗକୁ ନେଇଯାଇଥିବାର ଦେଖିବାକୁ ମିଳିଥିଲା।

## ବିପୁଳ ମଦ ଓ ଗୁଡ଼ ପୋଚ ଜବତ, ୬ ଗିରଫ

ସୋର, ୧୨।୫ (ସମିସ): ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଓ ସୋର ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ସିମୁଳିଆ ଥାନା ଅନ୍ତର୍ଗତ କୁଅଁରପୁର, ଅଲିହା ଓ ଖଇରା ଥାନା ଅନ୍ତର୍ଗତ ଡୁଙ୍ଗୁରା ଏବଂ ସୋର ଥାନା ଅନ୍ତର୍ଗତ ମାଣିପୁର, ନୁଆସାହି, ବନ୍ଧସାହି ଓ ବାଉଁଶପାଳ ଗ୍ରାମରେ ଚଢ଼ାଉ କରାଯାଇ ୯୬୦ ଲିଟର ଦେଶୀ ରନ୍ଧା ମଦ ଓ ୪୬୦୦ ଲିଟର ଗୁଡ଼ ପୋଚ ଜବତ କରାଯିବା ସହିତ କୁଅଁରପୁର ଗ୍ରାମର ଅଶୋକ କୁମାର ଶିଅଳ, ଅଲିହା ଗ୍ରାମର ମୁକୁନ୍ଦ ବେହେରା ଓ ରାମଚନ୍ଦ୍ର ପାଢ଼ୀ, ଡୁଙ୍ଗୁରା ଗ୍ରାମର ଶ୍ରୀମତୀ ସିଂ, ନୁଆସାହି ଗ୍ରାମର ଯୋଗେନ୍ଦ୍ର ନାୟକ ଓ ମାଣିପୁର ଗ୍ରାମର ବିକର୍ତ୍ତନ ମାସନ୍ତ ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ମଦ ଓ ଗୁଡ଼ ପୋଚର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ାଉରେ ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା, ବସନ୍ତ କୁମାର ବାରିକ ଓ କ୍ଷୀରୋଦ କୁମାର ସାହୁ, କନେଷ୍ଟବଳ ଦେବାଶିଷ ମଲ୍ଲିକ, ମିନତୀ ପରିଡ଼ା ପ୍ରମୁଖ ସାମିଲ ଥିଲେ। ଏ ନେଇ ଖଇରା ଅବକାରୀ ଥାନା ଓ ସୋର ଆଦର୍ଶ ଅବକାରୀ ଥାନା ପକ୍ଷରୁ ପୃଥକ ୮ ଟି ମାମଲା ରୁଜୁ କରାଯାଇଛି।

## ବନ୍ଧୁକ ଦେଖାଇ ଆକ୍ରମଣ ଘଟଣାରେ ଖୁଜୁରୁ ଗିରଫ

ବାଲେଶ୍ୱର,୧୨।୫ (ସମିସ): ବନ୍ଧୁକ ଦେଖାଇ ହତ୍ୟା ଉଦ୍ୟମ ଓ ଆକ୍ରମଣ ମାମଲାରେ ଚାନ୍ଦିପୁର ପୁଲିସ ପୁରୁଣା ବାଲେଶ୍ୱର ଗବଗାଁ ଅଞ୍ଚଳର ଅଭିଯୁକ୍ତ ଦାମୋଦର ଦାସ ଓରଫ ଖୁଜୁରୁ(୨୮)କୁ ଗିରଫ କରି ବାଲେଶ୍ୱର ଜେଏମଏଫସି କୋର୍ଟରେ ହାଜର କରାଇଛି। ଚାନ୍ଦିପୁର ଥାନା ଗବଗାଁର ସୁଧାକର ଦାସ ଅଭିଯୋଗ କରିଥିଲେ ଯେ, ଚଳିତବର୍ଷ ମାର୍ଚ୍ଚ ୮ ତାରିଖ ଦିନ ୧.୩୦ ବେଳେ ତାଙ୍କ ସାନ ଭାଇ ନିରାକାର ଦାସଙ୍କ ସହ ପୂର୍ବ ବିବାଦକୁ ନେଇ ଅଭିଯୁକ୍ତ ଦାମୋଦର ଦାସ ତାଙ୍କ ଘରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ନିରାକାର ଘରେ ନଥିବା ବେଳେ ସେ ତାଙ୍କ ସ୍ତ୍ରୀ ବାସନ୍ତୀ ଦାସଙ୍କୁ ମଧ୍ୟ ଟଣାଓଟରା କରିଥିଲା। ସୁଧାକର ଘଟଣାସ୍ଥଳରେ ପହଞ୍ଚି ସ୍ତ୍ରୀଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିବାବେଳେ ଅଭିଯୁକ୍ତ ବନ୍ଧୁକ ବାହାର କରି ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲା। ପରେ ତେଲେଙ୍ଗା କଟୁରିରେ ତାଙ୍କ ମୁଣ୍ଡ ଓ କାନରେ ଆକ୍ରମଣ କରି ଗୁରୁତର ଆଘାତ କରି ଫେରାର ହୋଇଯାଇଥିଲା। ଏ ନେଇ ଚାନ୍ଦିପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୁଲିସ ଅଭିଯୁକ୍ତକୁ ଗିରଫ କରି ତା ପାଖରୁ ଏକ ତେଲେଙ୍ଗା କଟୁରି ମଧ୍ୟ ଜବତ କରିଛି।

## ବାଲେଶ୍ୱରରେ ନିର୍ମାଣ ହେବ ବାୟୁମଣ୍ଡଳୀୟ ମହାକାଶ ଗବେଷଣା ସୁବିଧା କେନ୍ଦ୍ର

ବାଲେଶ୍ୱର,୧୨।୫(ସମିସ): ବାଲେଶ୍ୱରରେ ନିର୍ମିତ ହେବ ଅତ୍ୟାଧୁନିକ ଏଏସଆରଏଫ(ବାୟୁ ମଣ୍ଡଳୀୟ ମହାକାଶ ଗବେଷଣା ସୁବିଧା କେନ୍ଦ୍ର)। ଏ ନେଇ ସର୍କିଟ ହାଉସ ଠାରେ ଆଜି ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ଡିଆରଡିଓ ଦ୍ୱାରା ବିନା ପ୍ରିମିୟମରେ ଅନୁମୋଦନ ହୋଇଛି ଜମି। ବାଲେଶ୍ୱର ଚାନ୍ଦିପୁରସ୍ଥିତ ଡିଆରଡିଓ ଅଧୀନରେ ଥିବା ପ୍ରାୟ ୧୯.୨୫ ଏକର ପ୍ରତିରକ୍ଷା ଜମିକୁ ଇସ୍ରୋକୁ ଲିଜରେ ପ୍ରଦାନ କରାଯାଇଛି। ଏଥିପାଇଁ ବାର୍ଷିକ ମାତ୍ର ୧ଟଙ୍କା ନାମମାତ୍ର ଲିଜ ଭଡ଼ା ଧାର୍ଯ୍ୟ କରାଯାଇଛି। ଏହି ଲିଜ ପ୍ରାରମ୍ଭିକ ୩୦ବର୍ଷ ପାଇଁ ଏବଂ ପରେ ୩୦ବର୍ଷ ଲେଖାଏଁ ଦୁଇଥର ସମୁଦାୟ ୯୦ବର୍ଷ ବୃଦ୍ଧି କରାଯାଇପାରିବ। ପ୍ରମାଣଭିତ୍ତିକ ଗବେଷଣା ତଥ୍ୟ ସଂଗ୍ରହ,ଜ୍ଞାନ ବିନିମୟ ଏବଂ ବୈଜ୍ଞାନିକ ସହଯୋଗକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ଏପରି ଏକ ପଦକ୍ଷେପ ନିଶ୍ଚିତ ଭାବେ ଦେଶର ଗବେଷଣା କ୍ଷେତ୍ରକୁ ନୂଆ ଦିଗ ଦେବ ବୋଲି କହିଛନ୍ତି। ଏହି ପ୍ରକଳ୍ପ ଉପକୂଳ ଅଞ୍ଚଳର ଜନଜୀବନ ଓ ପରିବେଶ ସୁରକ୍ଷା ସହିତ ଜଳବାୟୁ ପରିବର୍ତ୍ତନ,ମହାକାଶରେ ଉପଗ୍ରହ ସମ୍ବନ୍ଧୀୟ ଚ୍ୟାଲେଞ୍ଜକୁ ମୁକାବିଲା କରିବାରେ ବେଶ ସହାୟକ ହେବ ବୋଲି ସାଂସଦ ଶ୍ରୀ ଷଡ଼ଙ୍ଗୀ କହିଛନ୍ତି। ଭୂବିଜ୍ଞାନ, ଡିଆରଡିଓ ଓ ଇସ୍ରୋର ମିଳିତ ସହଯୋଗରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ପ୍ରବକ୍ତା ଇଂ ବିଭୂଦତ ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ ଓ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ଥାୟୀ ନିଯୁକ୍ତି ଦାବିରେ ବିଦ୍ୟୁତ୍ କର୍ମଚାରୀଙ୍କ ଧାରଣା



ଚନ୍ଦନେଶ୍ୱର, ୧୨।୫ (ସମିସ) : ଚନ୍ଦନେଶ୍ୱର ବିଦ୍ୟୁତ ସେକ୍ସନ ଅଧୀନରେ କାର୍ଯ୍ୟରତ ଠିକା କର୍ମଚାରୀମାନେ ମଙ୍ଗଳବାର ବିଭିନ୍ନ ଦାବି ପୂରଣ ନିମନ୍ତେ ବିଦ୍ୟୁତ ସେକ୍ସନ ଅଫିସ ସମ୍ମୁଖରେ ଏକ ଘଣ୍ଟା ଧରି ଧାରଣାରେ ବସିଥିଲେ। ସ୍ଥାୟୀ ନିଯୁକ୍ତି ପ୍ରଦାନ, ଠିକା ପ୍ରଥା ଉଚ୍ଛେଦ, ଉପଯୁକ୍ତ ପାରିଶ୍ରମିକ ଓ କାର୍ଯ୍ୟସ୍ଥଳରେ ସୁରକ୍ଷା ସୁବିଧା ଯୋଗାଇବା ଭଳି ଦାବିକୁ ନେଇ କର୍ମଚାରୀମାନେ ଏହି ପ୍ରତିବାଦ କାର୍ଯ୍ୟକ୍ରମ କରିଥିଲେ। ଧାରଣା ସମୟରେ କର୍ମଚାରୀମାନେ କହିଥିଲେ ଯେ, ବର୍ଷର ପର ବର୍ଷ ଧରି ସେମାନେ ଠିକା ଆଧାରରେ କାମ କରୁଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ସ୍ଥାୟୀ ନିଯୁକ୍ତିରୁ ବଞ୍ଚିତ ଅଛନ୍ତି। କମ ପାରିଶ୍ରମିକରେ ଜୀବନ ଯାପନ କରିବା କଷ୍ଟସାଧ୍ୟ ହୋଇପଡ଼ିଥିବା ବେଳେ ବିଦ୍ୟୁତ ବିଭାଗର ବିଭିନ୍ନ ଜଟିଳ ଓ ବିପଦପୂର୍ଣ୍ଣ କାମ ସେମାନେ ନିରନ୍ତର ଭାବେ କରିଆସୁଛନ୍ତି। ତଥାପି ସରକାରୀ କର୍ମଚାରୀଙ୍କ ଭଳି ସୁବିଧା କିମ୍ବା ସୁରକ୍ଷା ସେମାନଙ୍କୁ ମିଳୁନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। କର୍ମଚାରୀମାନେ ଆହୁରି କହିଥିଲେ ଯେ, ଦୁର୍ଘଟଣା ପ୍ରବଣ କାର୍ଯ୍ୟ କରୁଥିବା ସତ୍ତ୍ୱେ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ସାମଗ୍ରୀ ଓ ବୀମା ସୁବିଧା ନାହିଁ। ଏହି ସମସ୍ୟାଗୁଡ଼ିକର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସେମାନେ ସତର୍କ କରିଥିଲେ। ଏହି ଧାରଣାରେ ବିଦ୍ୟୁତ କର୍ମଚାରୀ ପ୍ରଦୀପ ପାତ୍ର, କାର୍ତ୍ତିକ ମହାନ୍ତି, ପ୍ରଭାକର ମହାନ୍ତି, ନିତ୍ୟଗୋପାଳ ଜେନା, ପଙ୍କଜ ଜେନାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଯୋଗଦେଇଥିଲେ।

## ଅଭିନବ ଉପାୟରେ କଣ୍ଟେନରରେ ଗଞ୍ଜେଇ ଚାଲାଣ

ସୋର, ୧୨।୫ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଚପରପଦା ନିକଟରେ କଣ୍ଟେନର ଏବଂ ସିମେଣ୍ଟ ବୋଝେଇ ଟ୍ରକ ମଧ୍ୟରେ ଦୁର୍ଘଟଣା ଘଟିବାପରେ ଗଞ୍ଜେଇ ଚାଲାଣ ହେଉଥିବା ଜଣା ପଡିଥିଲା। ଗତକାଲି ବିଳମ୍ବିତ ରାତିରେ ଚପରପଦା ନିକଟରେ ଓଡି ୦୪ ଆର ୪୫୭୯ ନମ୍ବର ବିଶିଷ୍ଟ ସିମେଣ୍ଟ ବୋଝେଇ ଟ୍ରକ ରାସ୍ତା ଉପରେ ଛିଡା ହୋଇଥିବା ବେଳେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା କେଏ ୦୧ ଏଆର ୮୫୦୧ ନମ୍ବର ବିଶିଷ୍ଟ ପାର୍ସଲ କଣ୍ଟେନର ଟ୍ରକକୁ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ କଣ୍ଟେନରର କ୍ୟାବିନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ସିମେଣ୍ଟ ଟ୍ରକ ଟି ନିକଟରେ ଥିବା ମନୋରମା ପଣ୍ଡାଙ୍କ ଦୋକାନ ଉପରେ ମାଡି ଯାଇଥିଲା। ମନୋରମା ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଉଭୟ ଗାଡିର ଚାଳକ ଫେରାର ହୋଇଯାଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏହି ସମୟରେ କଣ୍ଟେନରରୁ ୪୦ କିଲୋ ୪୫ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଗାଡି ଚାଳକ ଫେରାର ଥିବାରୁ କେଉଁ ଠିକଣାକୁ ଗଞ୍ଜେଇ ଚାଲାଣ ହେଉଥିଲା ତାହା ସ୍ପଷ୍ଟ ହୋଇନାହିଁ। ଅପରାହ୍ନରେ ସୋର ପୁଲିସ ଜବତ ଗଞ୍ଜେଇକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରି ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଝାଡେଶ୍ୱର ସ୍କୁଲ ଆଣ୍ଡ କଲେଜ ଅଫ୍ ନର୍ସିଂରେ ନର୍ସିଂ ଦିବସ



ବାଲେଶ୍ୱର,୧୨।୫ (ସମିସ): ସହରସ୍ଥିତ ଝାଡେଶ୍ୱର ସ୍କୁଲ ଏଣ୍ଡ କଲେଜ ଅଫ୍ ନର୍ସିଂ ରେ ଅନ୍ତର୍ଜାତୀୟ ନର୍ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଝାଡେଶ୍ୱର ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟର ପ୍ରଶାସନିକ ଅଧିକାରୀ ପତିତପାବନ ସାହୁ, ଡିନ୍ ବିନାୟକ ସାହୁ ଏବଂ ନର୍ସିଂ କଲେଜର ଡାଇରେକ୍ଟର ରାକେଶ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ନର୍ସିଂ ବୃତ୍ତିର ମହତ୍ତ୍ୱ ଓ କାର୍ଯ୍ୟର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା। ଅତିଥିମାନଙ୍କ ଭାଷଣ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନର୍ସିଂ ଶପଥ ପାଠ କରାଯାଇଥିଲା। ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଟକ, ନୃତ୍ୟ, ଗୀତ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟାପିକା ବେରୀ ଜେନିଫର୍ ଧନ୍ୟବାଦ ଅର୍ପଣ କରିଥିଲେ।

## ବର୍ତ୍ତନା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଲାଗି ଭୋଟ ଗ୍ରହଣ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୨।୫ (ସମିସ) : ବର୍ତ୍ତନା ସରପଂଚ ମଧୁସ୍ମିତା ବେହେରାଙ୍କ ବିରୁଦ୍ଧରେ କେତେକ ଅନିୟମିତତା ଦର୍ଶାଇ କେତେକ ୱାର୍ଡ ସଭ୍ୟ ଗତ ଏପ୍ରିଲ ୨ ତାରିଖରେ ଉପଜିଲ୍ଲାପାଳଙ୍କୁ ଭେଟିଥିଲେ। ଏ ସଂପର୍କରେ ଆଜି ବର୍ତନା ପଂଚାୟତ କାର୍ଯ୍ୟାଳୟରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇ ଭୋଟ ଗ୍ରହଣ ହୋଇଥିଲା। ଏହି ପଂଚାୟତରେ ୧୩ଜଣ ୱାର୍ଡ ସଭ୍ୟ ରହିଥିବା ବେଳେ ଆଜି ୧୦ଜଣ ଭୋଟ ଦେଇଥିଲେ। ଏହି କାର୍ଯ୍ୟ ୧୧ଟାରୁ ଆରମ୍ଭ ହୋଇ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ମାତ୍ର ଏହା ଉପରେ ହାଇକୋର୍ଟର ରହିତାଦେଶ ଥିବାରୁ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଭୋଟ ଗଣତି ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଟ୍ରେଜେରୀରେ ଜଉମୁଦ ଦେଇ ରଖାଯିବ ବୋଲି ପ୍ରିଜାଇଡିଂ ଅଫିସରଭାବେ ନିଯୁକ୍ତ ଜଳେଶ୍ୱର ତହସିଲଦାର ସତ୍ୟଜିତ୍ ମହାନ୍ତି କହିଛନ୍ତି। ପର୍ଯ୍ୟବେକ୍ଷକଭାବେ ସହାୟକ ଉପଜିଲାପାଳ ପ୍ରକାଶ ବିଶ୍ୱାଳ ଓ ମାଜିଷ୍ଟ୍ରେଟ ଭାବେ ଏଡିସନାଲ ତହସିଲଦାର ଚକ୍ରଧର ମଲ୍ଲିକ, ବ୍ଲକ ପଂଚାୟତ ଅଧିକାରୀ ସବ୍ୟସାଚୀ ଦାସ, ବର୍ତ୍ତନା ପଂଚାୟତ ଅଧିକାରୀ ମନୋଜ ଟୁଡୁ ଉପସ୍ଥିତ ରହି ପରିଚାଳନା କରିଥିଲେ। ଆଇନ୍ ଶୃଙ୍ଖଳା ଲାଗି ଏସ୍‌ଡିପିଓ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ଭୋଗରାଇ ଆଇଆଇସି ଜ୍ଞାନରଂଜନ ସାହୁ, ଜଳେଶ୍ୱର ଏସ୍‌ଆଇ ଚିରଞ୍ଜିବି ରାଉତ, ପୁମା ଦେଓ, ଏଏସ୍‌ଆଇ ଗୁରୁଚରଣ ବେହେରା, ନିଳକଣ୍ଠ ପତି ପ୍ରମୁଖ ୧ ପ୍ଲାଟୁନ୍ ଫୋର୍ସ ମୁତୟନ ଥିଲେ।

## ହୃଦ୍‌ଘାତରେ ଆଖିବୁଜିଲେ ଖଇରା ସତ୍‌ସଙ୍ଗ କେନ୍ଦ୍ର ସମ୍ପାଦକ

ଖଇରା,୧୨।୫ (ସମିସ): ଖଇରାସ୍ଥିତ ସତସଙ୍ଗ କେନ୍ଦ୍ରର ସମ୍ପାଦକ ତଥା ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଶ୍ରିତ ସହ-ପ୍ରତିରିତିକ ରବିନାରାୟଣ ମିଶ୍ର ମଙ୍ଗଳବାର ସକାଳେ ହୃଦଘାତରେ ପ୍ରାଣ ହରାଇଛନ୍ତି। ସେ ଶୌଚାଳୟ କୁ ଗାଧୋଇବାକୁ ଯାଇଥିବା ବେଳେ ପଡିଯିବା କାରଣରୁ ତାଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ଅଗଣିତ ଗୁରୁଭାଇ ଓ ମାତୃମଣ୍ଡଳୀଙ୍କ ଗହଣରେ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଖଇରା ବଜାର ଓ ବଣପାରିଆ ସତସଙ୍ଗ କେନ୍ଦ୍ରକୁ ଅଣାଯିବା ବେଳେ ଶେଷକୃତ୍ୟ କୁରୁଣ୍ଟାଶାସନ ଗ୍ରାମରେ ସମ୍ପର୍ଣ୍ଣ ହୋଇଛି। ସେ ଜଣେ ସରଳ ଓ ନିଷ୍ଠାବାନ ବ୍ୟକ୍ତି ଥିଲେ। ପୁର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ତାଙ୍କର ଶେଷ ଦର୍ଶନ କରିଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ବିକ୍ଷୋଭ

ବାଲେଶ୍ୱର,୧୨।୫(ସମିସ)




ମାଇକ୍ରୋ ଫାଇନାନ୍ସରେ ଲୋକେ ରଖିଥିବା ଟଙ୍କା ସେମାନଙ୍କର ସମ୍ପୂର୍ଣ୍ଣ ଭାବେ ବୁଡିଯାଇଛି। ଏହି ଟଙ୍କାକୁ ଫେରସ୍ତ ପାଇବା ପାଇଁ ଆଜି ମାଇକ୍ରୋ ଫାଇନାନସ ଲିମିଟେଡ କ୍ଷତିଗ୍ରସ୍ତ ଜମାକାରୀ ଏକତା ମଞ୍ଚ ବାଲେଶ୍ୱର ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତୁରନ୍ତ ସେମାନଙ୍କୁ ଟଙ୍କା ଫେରାଇବାକୁ ଦାବି କରିଛନ୍ତି। ଏହାଛଡା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ସେମାନଙ୍କ ଦାବି ଅନୁସାରେ ଓଡ଼ିଶା ଏବଂ ରାଜ୍ୟ ବାହାରେ ଅନଧିକୃତ ଜମାରାଶି ସଂଗ୍ରହ ମହାଠକେଇରେ ଅନ୍ୟତମ ସଂସ୍ଥା ମାଇକ୍ରୋ ଫାଇନାନ୍ସ ଲିମିଟେଡ ଓ ମାଇକ୍ରୋ ଲିଜିଂ ଆଣ୍ଡ ଫଣ୍ଡିଂ ଲିମିଟେଡ ପକ୍ଷରୁ ଲୋଭନୀୟ ସ୍କିମ ଦେଖାଇ ଲକ୍ଷ ଲକ୍ଷ ପରିବାର ଠାରୁ ହଜାର ହଜାର କୋଟି ସଂଗ୍ରହ କରିଛି। ଏହି କମ୍ପାନୀରେ ଓଡ଼ିଶାର ପ୍ରାୟ ୧୫ଲକ୍ଷ ଜମାକାରୀ ସେମାନଙ୍କର କଷ୍ଟ ଉପାର୍ଜିତ ଟଙ୍କା ରଖିଥିଲେ। ଏପରିକି ବାଲେଶ୍ୱର ଜିଲ୍ଲାରେ ପ୍ରାୟ ଦୁଇଲକ୍ଷରୁ ଅଧିକ ଜମାକାରୀ ହଜାରେ କୋଟି ଟଙ୍କା ରଖିଥିଲେ। ୨୦୧୩ମସିହାରେ ଏହି କମ୍ପାନୀ ଉପରେ କ୍ରାଇମବ୍ରାଞ୍ଚ ଚଢ଼ାଉ କରି ଏହି ସଂସ୍ଥାର ୫ଟି ଶାଖାକୁ ସିଲ କରିଥିଲା। ପରବର୍ତି ସମୟରେ ଏହି କମ୍ପାନୀକୁ କ୍ଲିନ ଚିଟ ପ୍ରଦାନ କରାଯାଇଥିଲା। ଯାହାଫଳରେ ୨୦୧୪ମସିହାରେ ଏହି କମ୍ପାନୀ ଅଧିକ ଜମାରାଶି ସଂଗ୍ରହ କରିଥିଲା। ୨୦୧୪ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ସିବିଆଇ ଏହାର ତଦନ୍ତ କରି କମ୍ପାନୀର ମାଲିକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜେଲରୁ ଫେରିବା ପରେ ବିଳାସପୂର୍ଣ୍ଣ ଜୀବନ ବିତାଉଥିବା ବେଳେ ଟଙ୍କା ଫେରସ୍ତ ମିଛ ପ୍ରତିଶ୍ରୁତି ଦେଇ ଠକି ଚାଲିଛନ୍ତି। ଅନ୍ୟପଟେ ରାଜ୍ୟରେ ନୂତନ ସରକାର ଆସିବା ପରେ ପୂର୍ବ ପ୍ରତିଶ୍ରୁତି ଅନୁସାରେ ସମସ୍ତ ଜମାକାରୀଙ୍କୁ ଟଙ୍କା ଫେରସ୍ତ ପାଇଁ ତଦନ୍ତ କମିଶନ ଓ ଓପିଆଇଡି କୋର୍ଟଙ୍କ ରିପୋର୍ଟ ଆଧାରରେ ୫ଲକ୍ଷ କ୍ଷୁଦ୍ର ଜମାକାରୀଙ୍କ ନାମ ତାଲିକା ଅନୁସାରେ ଆରଆଇଙ୍କଠାରେ ଯାଞ୍ଚ ଚାଲିଛି। ହେଲେ ବିଡମ୍ବନାର ବିଷୟ ଯେ ଦୀର୍ଘ ୧୨ବର୍ଷ ମଧ୍ୟରେ ଏହି ସଂସ୍ଥାର କୌଣସି ଏକ ଜମାକାରୀ ଚିହ୍ନଟ ହୋଇ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏହାଛଡା ମାଇକ୍ରୋ ଫାଇନାନସ ଲିମିଟେଡର ମାଇକ୍ରୋ ଲିଜିଂ ଆଣ୍ଡ ଫଣ୍ଡିଂ, ମାଇକ୍ରୋ କ୍ରେଡିଟ କୋ ଅପରେଟିଭର ସମସ୍ତ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ତହସିଲ ଜରିଆରେ ଚିହ୍ନଟ କରିବା ପାଇଁ ସରକାର ପୁନର୍ବାର ସୁଯୋଗ ସୃଷ୍ଟି କରନ୍ତୁ,ଏହି ସଂସ୍ଥା ଗୁଡିକର ସ୍ଥାବର ଓ ଅସ୍ଥାବର ସମ୍ପତିକୁ ସୁନିଶ୍ଚିତ କରାଯାଇ ବ୍ୟାଜ୍ୟାପ୍ତ କରାଯିବା ସହ ବଜାର ନିଲାମ ପ୍ରକ୍ରିୟାରେ ବିକ୍ରି କରି ସମସ୍ତ ଜମାକାରୀଙ୍କୁ ଜମା ଟଙ୍କା ଫେରସ୍ତ କରନ୍ତୁ ବୋଲି ଦାବି କରାଯାଇଛି। ଏହି ବିକ୍ଷୋଭ ସମାବେଶରେ ମଂଚର ଆବାହକ ଉମେଶଚନ୍ଦ୍ର ନାୟକଙ୍କ ସହ ଜମାକାରୀ ଶଶିକାନ୍ତ ସାହୁ, ଗଙ୍ଗାଧର ବେହେରା, ରବୀନ୍ଦ୍ର ରାଉଳ, ଅପର୍ଣ୍ଣା ବେହେରା, ସୁଷମା ବିଶ୍ୱାଳ, ପାର୍ବତୀ ସ, ଶଶିକାନ୍ତ ବେହେରା, ଶାନ୍ତିଲତା ଜେନା, ଅମର ପଣ୍ଡା, ମାନସ କୁମାର ପଣ୍ଡା, ଭାରତୀ ବେହେରା, କୃତିବାସ ପରିଡା ପ୍ରମୁଖଙ୍କ ସହ ବହୁ ଜମାକାରୀ ଉପସ୍ଥିତ ଥିଲେ।




### ଛାତ ସେଣ୍ଟରିଂରୁ ହରିପୁର ଗାଁରେ ହତ୍ୟା ଘଟଣା

## ପ୍ରତିବାଦରେ ସାଇକଲରେ ଶବ ଆଣିଲେ ପରିବାର ଲୋକ



ଖଇରା,୧୨।୫ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ ହରିପୁର ଗ୍ରାମରେ ଗତ ରବିବାର ପୂର୍ବାହ୍ନରେ ଛାତ ସେଣ୍ଟରିଂକୁ କେନ୍ଦ୍ର କରି ମାନସ ଜେନା ନାମକ ପଡୋଶୀଙ୍କ ଶାବଳ ମାଡରେ ସୁରେନ୍ଦ୍ର ସେଠୀଙ୍କ ଭଉଣୀ କମଳା କଟକ ବଡ ଡାକ୍ତରଖାନାରେ ଆଖିବୁଜିଥିଲେ। ପ୍ରତିବାଦରେ ମୃତ କମଳାଙ୍କ ପରିବାର ଲୋକ ମଙ୍ଗଳବାର ସକାଳେ ଶବକୁ ସାଇକଲ ରଖି ହରିପୁର ଗାଁରୁ ୧୫କିମି ଚାଲି ଚାଲି ଖଇରା ଥାନାରେ ପହଞ୍ଚିଥିଲେ। ଏଥିସହ ଶବକୁ ସୋର-କୁପାରୀ ରାସ୍ତାର ଖଇରା ଥାନା ସମ୍ମୁଖରେ ରଖି ୫ଘଣ୍ଟା ଧାରଣାରେ ବସି ରହିଥିଲେ। ପରେ ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିବାକର,ଅତିରିକ୍ତ ଏସପି ନିରଞ୍ଜନ ବେହେରା, ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ,ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକ,ଅତିରିକ୍ତ ତହସିଲଦାର ସଞ୍ଜିବ ପାତ୍ର ଘଟଣସ୍ଥଳରେ ପହଞ୍ଚି ଅଭିଯୁକ୍ତ ମାନଙ୍କୁ ୪୮ଘଣ୍ଟା ମଧ୍ୟରେ ଗିରଫ କରାଯିବା,୧୫ଦିନ ମଧ୍ୟରେ ୨ ପଡୋଶୀ ମଧ୍ୟରେ ଚାଲିଥିବା ଜମିବାଡି ବିବାଦ ସମାଧାନ କରାଯିବା, ସ୍ଥାନୀୟ ସରପଞ୍ଚ ଓ ୫ ସହଯୋଗୀଙ୍କ ନାମରେ ମାମଲା ଲାଗି ପ୍ରତିଶୃତି ଦେବା ସହ ଶବ ସଂସ୍କାର ପାଇଁ ୨୦ହଜାର ଟଙ୍କା ପ୍ରଦାନ ପରେ ପରିବାର ଲୋକ ମୃତଦେହ ସାଙ୍ଗରେ ଧରି ଘରକୁ ଫେରିଥିଲେ। ଗତ ରବିବାର ସୁରେନ୍ଦ୍ର ସେଠୀଙ୍କ ଘରଛାତ ପାଇଁ ସେଣ୍ଟରିଂ କାର୍ଯ୍ୟ ଚାଲିଥିବା ବେଳେ ପଡୋଶୀ ଭରତ ଜେନାଙ୍କ ପରିବାର ଲୋକେ ସେଠାରେ ପହଞ୍ଚି ତୁମ ସେଣ୍ଟରିଂ କାହିଁକି ଆମ ଜାଗାକୁ ମାଡିଲା ବୋଲି କହିବା ପରେ ଏହି ପ୍ରସଙ୍ଗକୁ ନେଇ ପାଟିତୁଣ୍ଡ ଓ ଠେଲାପେଲା ଆରମ୍ଭ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପଡୋଶୀ ଭରତ ଜେନାଙ୍କ ପୁଅ ମାନସ ସୁରେନ୍ଦ୍ରଙ୍କ ଭଉଣୀ କମଳା ଓ ସ୍ତ୍ରୀ ଶକୁନ୍ତଳାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ପ୍ରଥମେ ଖଇରା ଓ ପରେ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ରବିବାର ରାତିରେ କମଳାଙ୍କ ପ୍ରାଣବାୟୁ ଉଡିଯାଇଥିଲା।



## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ବୃକ୍ଷରୋପଣ ଓ ଭୂତଳ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ

ଯାଜପୁର, ୧୨।୫(ସମିସ)




ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା କୋରେଇ ବିଧାୟକ ଆକାଶ ଦାସ ନାୟକ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ଉପସଭାପତି ଜିଲ୍ଲା ପରିଷଦ ଗଣେଶ୍ୱର ବରାଳ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଚିକିତ୍ସା ଅଧିକାରୀ ଡା. ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ନଦୀବନ୍ଧର ସୁଦୃଢ଼ୀକରଣ ସହ ବନ୍ୟା ପାଇଁ ଏକ ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। ବ୍ୟାସନଗର ସହରାଞ୍ଚଳରେ ଜଳ ନିଷ୍କାସନ ସମସ୍ୟା ରହୁଥିବାରୁ ଡ୍ରେନେଜ, ରେଲୱେ, ମ୍ୟୁନିସିପାଲିଟି ଓ ଡିୟୁଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଯୁଗ୍ମ ସମନ୍ୱୟରେ ଜଳ ନିଷ୍କାସନ ସମସ୍ୟା ଦୂର କରିବାକୁ ପରାମର୍ଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ନୂତନ ଓ ପୁରାତନ ରାସ୍ତା କଡ଼ରେ ବ୍ୟାପକ ବୃକ୍ଷରୋପଣ ଓ ଭୂତଳ ଜଳର ସଂରକ୍ଷଣ ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ବଡ଼ଚଣା ବିଧାୟକ ଅମର କୁମାର ନାୟକ କହିଲେ ପ୍ରତିବର୍ଷ ବନ୍ୟା ଯୋଗୁଁ ବଡ଼ଚଣା ନିର୍ବାଚନ ମଣ୍ଡଳୀର ନଦୀକୂଳିଆ ଗ୍ରାମ ଗୁଡ଼ିକର ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଣୁ ବନ୍ୟା ପୂର୍ବରୁ ନଦୀବନ୍ଧ ଗୁଡ଼ିକର ମରାମତି ଏବଂ ଡ୍ରେନେଜ ସମସ୍ୟା କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ କହିଛନ୍ତି ଯେ ଗତ ବର୍ଷ କାଣୀ ନଦୀରେ ଘାଇ ହୋଇ ବ୍ୟାପକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥିଲା। ବନ୍ୟା କ୍ଷତଗ୍ରସ୍ତ ଲୋକମାନଙ୍କୁ ଶୁଖିଲା ଖାଦ୍ୟ, ପଲିଥିନ୍, ପାନୀୟ ଜଳ ଏବଂ ଗାଈ ଗୋରୁଙ୍କ ପାଇଁ ଗୋଖାଦ୍ୟ ଏବଂ ପଲିଥିନ୍ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ କହିଥିଲେ ଯେ ଗତ ୫ ବର୍ଷରେ ବିଭିନ୍ନ ନଦୀ ବନ୍ଧରେ ହୋଇଥିବା ଘାଇ ଗୁଡ଼ିକର ତୁରନ୍ତ ମରାମତି ଶେଷ କରିବା ଏବଂ ଦୁର୍ବଳ ନଦୀବନ୍ଧ ଚିହ୍ନଟ କରି ରିପୋର୍ଟ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ଓ ବ୍ୟାକ ୱାଟର ଯୋଗୁଁ କୃଷିଜାତ ଫସଲର କ୍ଷୟକ୍ଷତି ରିପୋର୍ଟ ପ୍ରଦାନ ବେଳେ ଯେପରି କୌଣସି କ୍ଷୟକ୍ଷତି ଅଞ୍ଚଳ ବାଦ୍ ନପଡେ ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ଋତୁ ପୂର୍ବରୁ ସମସ୍ତ ଓଭର ହେଡ ଟାଙ୍କି ଏବଂ ବିଶେଷ କରି ସ୍କୁଲ ଖୋଲିବା ପୂର୍ବରୁ ସମସ୍ତ ଓଭରହେଡ୍ ଟାଙ୍କି ଗୁଡ଼ିକ କ୍ଲୋରିନେସନ କରିବା ଓ ସମସ୍ତ ପାନୀୟ ଜଳ ଉତ୍ସର ନମୁନା ପରୀକ୍ଷାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ବୈଠକରେ ନଦୀବନ୍ଧ ସୁଦୃଢ଼ୀକରଣ, ଘାଇ ମରାମତି, ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରିତା, ଜଳ ନିଷ୍କାସନ, ବୃଷ୍ଟିପାତ ଡାଟା, ଆଗୁଆ ସୂଚନା ପ୍ରଦାନ, ଅସ୍ଥାୟୀ ବେତାର ଷ୍ଟେସନ, ଟେଲି ଯୋଗାଯୋଗ, ପାୱାର ବୋଟ ନିୟୋଜନ, ସମ୍ବେଦନଶୀଳ ଅଞ୍ଚଳରେ ଖାଦ୍ୟ ଶସ୍ୟ ମହଜୁଦ ରଖିବା, ପାନୀୟ ଜଳ ଯୋଗାଣ, ଫସଲ କ୍ଷୟକ୍ଷତି, ସ୍ୱାସ୍ଥ୍ୟ ଓ ପରିମଳ, ଆସନ୍ନ ପ୍ରସବା ମହିଳାଙ୍କୁ ଚିହ୍ନଟ ଓ ଯତ୍ନ, ଗୋଖାଦ୍ୟ ମହଜୁଦ, ତଳିଆ ଅଞ୍ଚଳରେ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତରଣ, ଏନ୍‌ଡିଆରଏଫ୍, ଓଡ୍ରାଫ, ଅଗ୍ନିଶମ ଓ ପାରା ମିଲିଟାରୀ ନିୟୋଜନ, ରିଲିଫ ପରିଚାଳନା, ଯୋଗାଯୋଗ ଓ ଅତ୍ୟାବଶ୍ୟକ ସେବା, ଏନ୍‌ଜିଓ, ଏସଏସଜି ଏବଂ ସିଭିଲ ସୋସାଇଟି ସହ ସମନ୍ୱୟ, ଟ୍ରାଫିକ ପରିଚାଳନା ଓ ବରିଷ୍ଠ ଅଧିକାରୀମାନଙ୍କୁ ତଦାରଖ ଦାୟିତ୍ୱ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ବୈଠକରେ ମ୍ୟୁନିସପାଲିଟି ଓ ବ୍ଲକ ଅଧକ୍ଷ ଅଧକ୍ଷା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବିଡିଓ, ତହସିଲଦାର ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଶୋକ କୁମାର ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରିବାରୁ ମହିଳାଙ୍କୁ ଆକ୍ରମଣ



**ଦଶରଥପୁର, ୧୨।୫(ସମିସ):** ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରିବାରୁ ଜନୈକା ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ପୁଲିସ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଆକ୍ରମଣରେ ମହିଳାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ ଦଶରଥପୁର ଥାନା ଜୟନ୍ତରା ପଞ୍ଚାୟତ ପାଟପୁର ଗ୍ରାମର ଜଗନ୍ନାଥ କର ୧୯ ବର୍ଷ ପୂର୍ବେ ଧାମନଗର ଅଞ୍ଚଳର ମାନସୀ କରଙ୍କୁ ବିବାହ କରିଥିଲେ। ଜଗନ୍ନାଥ ସ୍ଥାନୀୟ ଅଞ୍ଚଳର ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ବେଳେ ନିଜ ଗାଁର ଜନୈକା ବିବାହିତା ମହିଳାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଘଟଣା ଜଣାପଡ଼ିବା ପରେ ମାନସୀ ଓ ଜଗନ୍ନାଥଙ୍କ ମଧ୍ୟରେ ପ୍ରାୟତଃ କଳିଝଗଡ଼ା ଲାଗିଥାଏ। ଏପରିକି ସ୍ୱାମୀଙ୍କ ପରକ୍ରିୟା ପ୍ରୀତିକୁ ବିରୋଧ କରୁଥିବାରୁ ଜଗନ୍ନାଥ ସ୍ତ୍ରୀ ମାନସୀଙ୍କୁ ବିଭିନ୍ନ ସମୟରେ ମାଡ଼ ମାରୁଥିବା ନେଇ ପୂର୍ବରୁ ଦଶରଥପୁର ଥାନାରେ ମାନସୀ ଏକାଧିକବାର ଅଭିଯୋଗ କରିଛନ୍ତି। ସବୁଥର ପୁଲିସ ନିକଟରେ ଭୂଲ ସ୍ୱୀକାର କରି ସ୍ୱାମୀ ଜଗନ୍ନାଥ ଘରକୁ ଫେରିବା ପରେ ପୂର୍ବପରି ସମ୍ପୃକ୍ତ ବିବାହିତା ମହିଳାଙ୍କ ସହ ସମ୍ପର୍କ ରଖିବା ସହିତ ମାନସୀଙ୍କୁ ମାଡ଼ ମରିଥାନ୍ତି। ଗତକାଲି ସମାନ କାରଣକୁ ନେଇ ଜଗନ୍ନାଥ ଓ ମାନସୀଙ୍କ ମଧ୍ୟରେ କଳିଝଗଡ଼ା ଲାଗିଥିବା ପଡୋଶୀ ଝୁଲଣା ପଣ୍ଡା, ସୁଚିତ୍ରା ପଣ୍ଡା ଓ ବାବନ ପଣ୍ଡା ପହଞ୍ଚି ମାନସୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଧକ୍କା ମାରିବାରୁ ମାନସୀ ତଳେ ପଡ଼ିଯିବା ପରେ ବାବନ ପଣ୍ଡା ଏକ ଧାରୁଆ ଅସ୍ତ୍ରରେ ମାନସୀଙ୍କୁ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହିତ ପ୍ରବଳ ରକ୍ତସ୍ରାବ ହୋଇଥିଲା। କିଛି ପଡୋଶୀ ତାଙ୍କୁ ଉଦ୍ଧାର କରି ଦଶରଥପୁର ସିଏଚ୍‌ସିରେ ଭର୍ତ୍ତି କରିଥିଲେ। ତାଙ୍କ ମୁଣ୍ଡରେ ୬ଟି ଷ୍ଟିଚ ପଡ଼ିଥିବା ବେଳେ ମାନସୀ ଦଶରଥପୁର ଥାନାକୁ ଯାଇ ଅଭିଯୁକ୍ତଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

## ବାଲି ହାଇୱା ଜବତ

**ପାଣିକୋଇଲି, ୧୨।୫(ସମିସ):** ଖଣି ଓ ପୁଲିସ ବିଭାଗର ମିଳିତ ଚଢ଼ଉ ସମୟରେ ଗୋଟିଏ ବାଲି ହାଇୱା ଜବତ କରାଯାଇ ପୁଲିସ ଜିମା ଦିଆଯାଇଛି। ପାଣିକୋଇଲି ସର୍ଭିସ ରୋଡରେ ବାଲି ଗାଡିକୁ ଖଣି ବିଭାଗ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ବାଲିର କୌଣସି କାଗଜାଦି ନ ଥିବାରୁ ବେଆଇନ ଚାଲାଣ ଜଣାପଡ଼ିଥିଲା। ଓଡି ୨୨ଏବି ୩୫୩୪ ନଂ. ବାଲି ବୋଝେଇ ହାଇୱାକୁ ଜବତ କରାଯାଇଛି। ଖଣି ବିଭାଗ ଏହାକୁ ଯାଞ୍ଚ କରିବା ସହ ଥାନାରେ ମାମଲା କରାଯିବ ବୋଲି ସୂଚନା ମିଳିଛି। ଏହି ଚଢାଉରେ ଖଣି ଅଧିକାରୀ ମହେଶ ଚନ୍ଦ୍ର ନାଥ, ଜେମେଓ ଶେଖର କୁମାର ମଲ୍ଲିକ, ଅଶୋକ କୁମାର ମହାନ୍ତିଙ୍କ ସମେତ ପଲିସ ମୁଖ୍ୟାଳୟର ଫୋର୍ସ ସାମିଲ ହୋଇଥିଲେ।

## ସେନା କର୍ମଚାରୀଙ୍କ ପରିବାରକୁ ସହାୟତା

**ଧର୍ମଶାଳା, ୧୨।୫(ସମିସ):** ଧର୍ମଶାଳା ବ୍ଲକ ଭୁବନ ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ଓ ଫିଜିକାଲ ଏକାଡେମୀର ପ୍ରତିଷ୍ଠାତା ଚନ୍ଦ୍ରମଣି ନାୟକଙ୍କ ଅକାଳ ଦେହାନ୍ତ ପରେ ଆଜି ତାଙ୍କ ପତ୍ନୀଙ୍କୁ ଡିଫେନ୍ସ କ୍ଲବ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଡିଫେନ୍ସ କ୍ଲବର ଉପଦେଷ୍ଟା କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ସଭାପତି କ୍ୟାପଟେନ ଅନିଲ କୁମାର ସାମଲ ଓ କର୍ମକର୍ତ୍ତାମାନେ ବାସଭବନରେ ପହଞ୍ଚି ତାଙ୍କ ପତ୍ନୀଙ୍କୁ ୮୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସେ ୨୦୦୨ ମସିହାରେ ସେନାରେ ଯୋଗଦେଇ ୨୦୨୨ମସିହାରେ ଅବସର ଗ୍ରହଣ କରିଥିଲେ। ଅବସରପରେ ଧର୍ମଶାଳା ଫିଜିକାଲ ଏକାଡେମୀ ପ୍ରତିଷ୍ଠା କରି ବହୁ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଉଥିଲେ। ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପ୍ରଶିକ୍ଷଣ ଦେଉଥିଲେ। ତାଙ୍କର ଏଭଳି ମହତ କାର୍ଯ୍ୟ ପାଇଁ ସେ ଜିଲ୍ଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ପରିବାର କହିଲେ ସ୍ତ୍ରୀ, ପୁଅ, ଝିଅ, ବୃଦ୍ଧ ବାପା ଓ ମା'। ତାଙ୍କ ପରିବାର ପ୍ରତିପୋଷଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଆର୍ଥିକ ସହାୟତାଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ବସ୍ତ୍ର ଓ ଖାଦ୍ୟ ବଣ୍ଟନ

ଧର୍ମଶାଳା, ୧୨।୫(ସମିସ): ଧର୍ମଶାଳା ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ୟୁନିଟ୍ ପକ୍ଷରୁ ବସ୍ତ୍ର ଓ ଖାଦ୍ୟ ବଣ୍ଟନ କରାଯାଇଛି। ସଂଯୋଜକ ପ୍ରାଧାପକ ଡ. ବସନ୍ତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷ ସ୍ୱରୂପାନନ୍ଦ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଅସହାୟ ପିଲା, ମହିଳା ଓ ପୁରୁଷଙ୍କୁ ଶୁଖିଲା ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରିଥିଲେ। ନେଉଳପୁର ପୂର୍ବତନ ସରପଞ୍ଚ ଦିବାକର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ରେଡକ୍ରସ ସଂଯୋଜିକା ଅଧାପିକା ଡ. ସସ୍ମିତା ସାମଲ ଓ ସଂଯୋଜକ ସୁନୀଲ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀଙ୍କ ଦ୍ୱାରା ନିକଟସ୍ଥ ଛତିଆସ୍ଥିତ ସେବକ ଜରାଶ୍ରମରେ ୧୯୨ ଜଣ ଅନ୍ତେବାସୀ ବୟସ୍କଙ୍କୁ ଏବଂ ନେଉଳପୁରସ୍ଥିତ ଆଦିବାସୀ ବସ୍ତିରେ ୩୦ ପରିବାରକୁ ଯୁବ ରେଡକ୍ରସ ପକ୍ଷରୁ ସହାୟତା କରାଯାଇଥିଲା। କାର୍ଯ୍ୟକ୍ରମର ସମାଜସେବୀ ଡ. ସସ୍ମିତା ପଟ୍ଟନାୟକ ସେବା ହିଁ ସାଧନା। ସେବା ହିଁ ପରିଚୟ। ବିଶ୍ୱ ରେଡକ୍ରସ ଦିବସର ମୂଳ ମନ୍ତ୍ର ହେଉଛି ମାନବ ସେବା ମାଧବ ସେବା। ଏହାକୁ କାର୍ଯ୍ୟରେ ପରିଣତ କରାଯାଇଛି ବୋଲ କହିଥିଲେ। ଯୁବ ରେଡ୍‌କ୍ରସର ସ୍ୱେଚ୍ଛାସେବୀ ଦେବାଶିଷ ସ୍ୱାଇଁ, ଶୁଭଦର୍ଶନ ବଳ, ତୃପ୍ତିମୟୀ ସାହୁ, ପ୍ରତୀକ୍ଷା ଲେଙ୍କା, ପାୟଲ ବେହେରା, ମୈତ୍ରୀ ସାସ୍ୱତୀ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କୋରଡ଼ା ପିପଲରେ ପାଲା ପରିବେଷଣ

**ବରୀ, ୧୨।୫(ସମିସ):** ବରୀ ବ୍ଲକ ଅଧୀନ ବାଲିବିଲ ପଞ୍ଚାୟତ କୋରଡ଼ା ପିପଲ ଗ୍ରାମରେ କୈଳାସ ଚନ୍ଦ୍ର ଦାସଙ୍କ ପୃଷ୍ଠପୋଷକତା ଏବଂ ଦିଲୀପ ଦାସଙ୍କ ପରିଚାଳନାରେ ଏକ ଭଜନ ସନ୍ଧ୍ୟା ଓ ପାଲା ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏବଂ ଶିକ୍ଷା ବିଭାଗ ପଫେସର ଡ. ନାରାୟଣ ବାରିକ୍ ଏବଂ ରଜାତୋଟାସ୍ଥିତ ଆମ୍ରକାନନ ଶିକ୍ଷା ନିକେତନତର ପୂର୍ବତନ ପ୍ରଧାନ ଶିକ୍ଷକ ବୃନ୍ଦାବନ ସାମଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।ଭଳିନୂଆଗାଁ (ଶଙ୍ଖାରିଗଡ଼ା)ର ଗାୟିକା ରଶ୍ମିତା ସାହୁ ଏବଂ ସହଯୋଗୀମାନଙ୍କ ଦ୍ୱାରା ସ୍ନେହାଶିଷ ଦାସ(ବାବନ)ଙ୍କ ପ୍ରଯୋଜନାରେ ସତ୍ୟନାରାୟଣ ପାଲା ପରିବେଷଣ କରାଯାଇଥିଲା।

## ଟ୍ରାଫିକ ସମସ୍ୟା ସ୍ଥାୟୀ ସମାଧାନ ଦାବି

**ମଙ୍ଗଳପୁର, ୧୨।୫(ସମିସ):** ମଙ୍ଗଳପୁର ବଜାର ଅଞ୍ଚଳରେ ପ୍ରତିଦିନ ସୃଷ୍ଟି ହେଉଥିବା ଭୟଙ୍କର ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ 'ଓଡ଼ିଶା ଲୋକ ଦଳ' ପକ୍ଷରୁ ମଙ୍ଗଳପୁର ଥାନାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବଜାର ମଧ୍ୟରେ ଅସମ୍ଭାଳ ଭିଡ଼ ଯୋଗୁଁ ସାଧାରଣ ଜନତାଙ୍କ ସମେତ ସ୍କୁଲ ଛାତ୍ରଛାତ୍ରୀ ଓ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ, ମଙ୍ଗଳପୁର ବଜାର ମଧ୍ୟରେ ମେଡିକାଲ, ଓମେନ କଲେଜ ଓ ମହତାବ ହାଇସ୍କୁଲ ପରି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ରହିଛି। ମାତ୍ର ଗୋଟିଏ ମୁଖ୍ୟ ରାସ୍ତା ଥିବା ବେଳେ ଭାରୀଯାନ ଚଳାଚଳ ଓ ଅନିୟନ୍ତ୍ରିତ ପାର୍କିଂ ଯୋଗୁଁ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ ରହୁଛି। ଏପରିକି ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ ଯାତାୟତରେ ମଧ୍ୟ ବାଧା ସୃଷ୍ଟି ହେଉଛି। ଓଡ଼ିଶା ଛାତ୍ର ସଂଗଠନ ରାଜ୍ୟ ସଭାପତି ଅଭିଷେକ ଦାଶଙ୍କ ତତ୍ତ୍ୱାବଧାନରେ ଆଜି ଏକ ପ୍ରତିନିଧି ଦଳ ଥାନାଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ସଂଗଠନ ପକ୍ଷରୁ ମୁଖ୍ୟତଃ ନିମ୍ନଲିଖିତ ଦାବି ରଖାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଯୁବ ସଂଗଠନ ଦଶରଥପୁର ବ୍ଲକ ସଭାପତି ପ୍ରତ୍ୟୁଷ ପଣ୍ଡା, ଓଡ଼ିଶା ଛାତ୍ର ସଂଗଠନ ଜିଲ୍ଲା ସଭାପତି ସରୋଜ ମଲ୍ଲିକ ଓ ଶିବଶଙ୍କର ମଲ୍ଲିକ, ଅମୃତ ବିଶ୍ୱାଳ, ବିକାଶ ବାରିକ, ଜୀବନ ଜ୍ୟୋତି ଦାଶ, ଗୋପାଳ ସାହୁ ସଂଗଠନର ଅନ୍ୟାନ୍ୟ ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଆସନ୍ତା ୨୦ରେ ଔଷଧ ଦୋକାନ ବନ୍ଦ ପାଇଁ ଦାବି

**ଧର୍ମଶାଳା, ୧୨।୫(ସମିସ):** ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଆସନ୍ତା ୨୦ ତାରିଖରେ ଦେଶ ବ୍ୟାପୀ ଅଲ ଇଣ୍ଡିଆ କେମିଷ୍ଟ ଓ ଡ୍ରଗିଷ୍ଟ ଅସୋସିଏସନ ପକ୍ଷରୁ ଦିଆଯାଇଥିବା ହରତାଳ ଡାକରାକୁ ଉତ୍କଳ କେମିଷ୍ଟ ଓ ଡ୍ରଗ୍ସ ଆସୋସିଏସନ ସମର୍ଥନ ଜଣାଇଛି। ଏହିକ୍ରମରେ ଯାଜପୁର ଜିଲ୍ଲା ଆସୋସିଏସନ ପକ୍ଷରୁ ଏହାକୁ ସମର୍ଥନ ଜଣାଇ ଜିଲ୍ଲା ବ୍ୟାପୀ ଔଷଧ ଦୋକାନ ଗୁଡିକୁ ଆସନ୍ତା ୨୦ ତାରିଖରେ ବନ୍ଦ କରିବାକୁ ନିଷ୍ପତି ନିଆଯାଇଛି। ଏନେଇ ଆଜି ଜିଲ୍ଲା ଡ୍ରଗ୍ସ ଏଣ୍ଡ କେମିଷ୍ଟ ଆସୋସିଏସନ ପକ୍ଷରୁ ସଭାପତି ଅଜୟ କୁମାର ଦାସ, ସମ୍ପାଦକ ରାଜେଶ କୁମାର ଦାସ ସମେତ କାର୍ଯ୍ୟକାରୀ ସଦସ୍ୟ କମଳକାନ୍ତ ନାୟକ, ଧିର କିଶୋର ରାଉତ, ଶରତ ଦାସ, ମାନସ ଦାସ, ଜ୍ୟୋତିପ୍ରକାଶ ସାହୁ, ଅମ୍ବୁଜ ପଣ୍ଡା, ରବିନାରାୟଣ ପଣ୍ଡା, ପ୍ରଫୁଲ୍ଲ କୁମାର ରାଉତ, ଦେବେନ୍ଦ୍ର ନାୟକ, ତ୍ରିଲୋଚନ ବେହେରା ପ୍ରମୁଖ ଉପସ୍ଥିତ ରହି ଆସନ୍ତା ୨୦ ତାରିଖରେ ଜିଲ୍ଲାର ସମସ୍ତ ଔଷଧ ଦୋକାନ ବନ୍ଦ କରିବା ନେଇ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ ଅନ୍‌ଲାଇନରେ ଔଷଧ ବିକ୍ରୟ ବନ୍ଦ କରିବା, କର୍ପୋରେଟେରମାନଙ୍କ ଦ୍ୱାରା ଔଷଧରେ ଦିଆଯାଉଥିବା ରିହାତିକୁ ବନ୍ଦ କରିବା ଓ ନକଲି ଔଷଧକୁ ବଜାରରୁ ହଟଇବା ଆଦି ଦାବିରେ ଏହି ଧର୍ମଘଟ ଡାକରା ଦିଆଯାଇଛି। ଆସନ୍ତା ୨୦ ତାରିଖରେ ଜିଲ୍ଲା ବ୍ୟାପୀ ଔଷଧ ଦୋକାନ ଗୁଡିକ ବନ୍ଦ ରହୁଥିବାରୁ ରୋଗୀ ସେବା ବ୍ୟାହତ ଘଟିବା ଆଶଙ୍କା ରହିଛି। ଏହି ବନ୍ଦକୁ ସମସ୍ତ ଔଷଧ ଦୋକାନୀ ଓ ଜନସାଧାରଣ ସମର୍ଥନ ଜଣାବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି।

## ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ରକ୍ତଦାନ ଶିବିର




**ଯାଜପୁର, ୧୨।୫(ସମିସ):** ଯାଜପୁର ବ୍ଲକ ବିଚିତ୍ରପୁର କଲ୍ୟାଣ ମଣ୍ଡପରେ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଆନ୍ତର୍ଜାତୀୟ ନର୍ସିଂ ଦିବସ ପାଳିତ ହୋଇଯାଇଛି। ଏହାକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଏଡିପିଏଚ୍‌ଓ ଡ. ରମେଶ ଚନ୍ଦ୍ର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରି ପ୍ରତ୍ୟେକ ନର୍ସିଂ ଅଫିସର ମାନେ ଜଣେ ଜଣେ ଜୀବନଦାତା ବୋଲି ମତବ୍ୟକ୍ତ କରିଥିଲେ। ନର୍ସିଂ ସଂଘର ସଭାପତି ବିଜୟଲକ୍ଷ୍ମୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ମେଡ଼ିସିନ ବିଭାଗର ମୁଖ୍ୟ ଡା. ପ୍ରଫୁଲ୍ଲ ଚନ୍ଦ୍ର ଦୀକ୍ଷିତ ଯୋଗ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ଅମର କୁମାର ମଲ୍ଲିକ, ଉପ ସଭାପତି ଶୁଭ୍ରାଂଶୁ ଶେଖର ନନ୍ଦ, କୋଷାଧକ୍ଷ ଜୁଲିପ୍ରଭା ଜେନା, ନର୍ସିଂ ଅଫିସର ରଘୁନାଥ ସାହୁ, ମୋନାଲିସା ଭୂୟାଁ, ଶୁଭଶ୍ରୀ ରଥ, ସିଦ୍ଧାନ୍ତ କୁମାର ପାଲ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସେବିକା ଅଳକା ନାୟକ ଓ ମମତା ମହାନ୍ତିଙ୍କୁ ଅବସରକାଳିନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନୀଳାଚଳ କାରଖାନାରେ ଦୁର୍ଘଟଣା; ଜଣେ ମୃତ

**ଦାନଗଦି, ୧୨।୫(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳ ଟାଟା ନୀଳାଚଳ ଇସ୍ପାତ କାରଖାନାର ଏସ୍‌ଏମ୍‌ଏସ୍ ସାଇଡରେ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି, ମୃତ ଯୁବକ ଜଣକ ହେଲେ କେନ୍ଦୁଝର ଅଞ୍ଚଳର ଲିକୁନ ପାଢ଼ୀ (୩୦)। ଲିକୁନ ଆଜି ସନ୍ଧ୍ୟାରେ ଏସ୍‌ଏମଏସ୍ ସାଇଡ୍ ୧୦ ଫୁଟ ଉପରେ କାମ କରୁଥିବାବେଳେ ହଠାତ ତଳକୁ ଖସି ପଡ଼ିଥିଲେ ଯାହାଫଳରେ ଗୁରୁତର ଆହତ ହୋଇଥିଲେ। ଖବର ପାଇ କାରଖାନା କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଟାଟା ମେଡିକା ହସ୍ପିଟାଲରେ ଭର୍ତ୍ତି କରିଥିଲେ ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବରମୁଣ୍ଡା ଦୁର୍ଘଟଣାରେ ଚାଲିଗଲା ପୂର୍ବତନ ଅଧକ୍ଷାଙ୍କ ଝିଅର ଜୀବନ

# ମୃତ ଝିଅଙ୍କ ଚକ୍ଷୁ ଦାନ କଲେ ମା'

ବରୀ, ୧୨।୫(ସମିସ)



ଭୁବନେଶ୍ୱରର ବରମୁଣ୍ଡା ଫାୟାର ଷ୍ଟେସନ ଫ୍ଲାଏଓଭର ଉପରେ ଘଟିଥିବା ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ଜଣେ ଥିଲେ ଯାଜପୁର ଜିଲ୍ଲା ବରୀ ଅଞ୍ଚଳର ୨୬ ବର୍ଷୀୟା ଯୁବତୀ ବର୍ଷାରାଣୀ ବେହେରା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିଲା। ବର୍ଷାରାଣୀ ହେଉଛନ୍ତି ବରୀ ବ୍ଲକର ପୂର୍ବତନ ଅଧକ୍ଷା ଭାରତୀ ବେହେରା ଓ ଅକ୍ଷୟ ବେହେରା ଝିଅ। ତେବେ ନିଜ ଝିଅର ମୃତ୍ୟୁରେ ଭାଙ୍ଗି ପଡ଼ିଥିଲେ ମଧ୍ୟ ଭାରତୀ ଝିଅର ଚକ୍ଷୁ ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସୂଚନା ଅନୁଯାୟୀ, ବର୍ଷାରାଣୀ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ଦୁର୍ଘଟଣା ଦିନ ସେ ନିଜ ସ୍କୁଟି ଯୋଗେ ଯାଉଥିବା ସମୟରେ ଏକ ହାଇୱା ତାଙ୍କ ସହ ଅନ୍ୟ ଏକ ବାଇକ୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ତାନର ମୃତ୍ୟୁ ପରେ ଅନେକ ସମୟରେ ପରିବାର ଲୋକେ ଭାଙ୍ଗି ପଡ଼ନ୍ତି। କିନ୍ତୁ ଭାରତୀ ଦେବୀ ନିଜ ଝିଅକୁ ଅନ୍ୟମାନଙ୍କ ମଧ୍ୟରେ ଜୀବିତ ରଖିବା ପାଇଁ 'ଦୃଷ୍ଟିଦାନ ଚକ୍ଷୁ ବ୍ୟାଙ୍କ୍' ସହ ଯୋଗାଯୋଗ କରି ଚକ୍ଷୁ ଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ବର୍ଷାରାଣୀଙ୍କ ଦୁଇଟି ଚକ୍ଷୁ ସଫଳତାର ସହ ସଂଗ୍ରହ କରାଯାଇଛି। ଯାହା ଭବିଷ୍ୟତରେ ଦୃଷ୍ଟିହୀନ ବ୍ୟକ୍ତିଙ୍କ ଠାରେ ପ୍ରତିରୋପଣ କରାଯାଇପାରିବ। ଏହି ମହନୀୟ କାର୍ଯ୍ୟ ପାଇଁ ସ୍ଥାନୀୟ ଜନସାଧାରଣ ଓ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଭାରତୀ ବେହେରାଙ୍କୁ ପ୍ରଶଂସା କରାଯିବା ସହ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଓଭରବ୍ରିଜ୍ ଉପରେ ଜଳିଲା ହାଇୱା

**ପାଣିକୋଇଲି, ୧୨।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ ଉପରେ ଆଜି ସକାଳେ ଏକ ମୋରମ ବୋଝେଇ ହାଇୱାରେ ନିଆଁ ଲାଗିଥିବା ବେଳେ ଅଳ୍ପକେ ଚାଳକ ବର୍ତ୍ତିଯାଇଥିଲା। ପ୍ରକାଶଯେ ଚଣ୍ଡିଖୋଲ ପଟୁ ଏକ ମୋରମ ବୋଝେଇ ହାଇୱା (ଓଡି୨୨ୟୁ ୦୯୧୫) ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ପାଣିକୋଇଲି ଓଭରବ୍ରିଜରର ଯଶୋଦା ପେଟ୍ରୋଲ ପମ୍ପ ସମ୍ମୁଖରେ ପଛ ଚକରେ ଲାଗିଯାଇଥିଲା। ବ୍ରେକସୁ'ରୁ ନିଆଁ ବାହାରି ଟାୟାରକୁ ଧରିଥିଲା। ନିଆଁ ଲାଗିବା ଦେଖି ଚାଳକ ହାଇୱାଟିକୁ ସାଇଡ କରି ଓହ୍ଲାଇ ଦୌଡିଥିଲା। ଧିରେ ଧିରେ ନିଆଁ ଜଳିବାରୁ ଚାରିଆଡେ ଧୂଆଁମୟ ହୋଇଥିଲା। ଟାୟାର ଗୁଡିକ ଫାଟି ପ୍ରଚଣ୍ଡ ଶବ୍ଦ କରିଥିଲା। ଖବରପାଇ ପାଣିକୋଇଲି ପୁଲିସ, ରାଜପଥ ପାଟ୍ରୋଲିଂ ପହଞ୍ଚି ଆସୁଥିବା ଗାଡି ଗୁଡିକୁ ବଜାର ଦେଇ ଅତିକ୍ରମ କରାଇବା ସହିତ ଦମକଳ ବାହିନୀକୁ ଖବର ଦେଇଥିଲେ। ଯାଜପୁରରୋଡ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିବା ବେଳେକୁ ହାଇୱାର ଡାହାଣ ପଟ ୪ଟି ପଛ ଚକା ସମ୍ପୂର୍ଣ୍ଣ ଜଳିଯାଇଥିଲା। ସୌଭାଗ୍ୟବଶତଃ ବାମ ପଟେ ଥିବା ଡିଜେଲ ଟାଙ୍କିକୁ ନିଆଁ ଲାଗିନଥିଲା। ନିଆଁ ଆୟତ ପରେ ଗାଡି ଚଳାଚଳ ସ୍ୱାଭାବିକ କରିଥିଲା।

## ମାଙ୍କଡ଼ କାମୁଡ଼ାରେ ୧୫ରୁ ଊର୍ଦ୍ଧ୍ୱ ଆହତ

**ବରୀ, ୧୨।୫(ସମିସ):** ବରୀ ବ୍ଲକ ଅନ୍ତର୍ଗତ ବାଲିଆ, ନାଥପୁର, ଇଶାଣପୁର ଅଞ୍ଚଳରେ ଏକ ମାଙ୍କଡ଼ ଏକାଧିକ ଲୋକଙ୍କୁ ଆକ୍ରମଣ କରି ଥିବା ଜଣାପଡ଼ିଛି। ଗତ କିଛି ଦିନ ମଧ୍ୟରେ ମାଙ୍କଡ଼ କାମୁଡ଼ାରେ ୧୫ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଦେବସ୍ମିତା ଦାସ, ତାରା ଦାସ, ପ୍ରୀତି ମଲ୍ଲିକ, ଏବଂ ସ୍ନେହଲତା କରଙ୍କ ଭଳି ଅନେକ ବ୍ୟକ୍ତି ମାଙ୍କଡ଼ ଆକ୍ରମଣର ଶିକାର ହୋଇଛନ୍ତି। ବାରମ୍ବାର ଏଭଳି ଅଘଟଣ ଘଟୁଥିଲେ ମଧ୍ୟ ଏବଂ ସ୍ଥାନୀୟ ଲୋକମାନେ ବନ ବିଭାଗ ନିକଟରେ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ବନ ବିଭାଗର ଏହି ନିଷ୍କ୍ରିୟତା ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଲୋକେ ଏବେ ଘରୁ ବାହାରିବାକୁ ଭୟ କରୁଥିବା ବେଳେ ଛୋଟ ପିଲା ଓ ବୃଦ୍ଧବୃଦ୍ଧାମାନେ ସବୁଠାରୁ ଅଧିକ ଅସୁରକ୍ଷିତ ମଣୁଛନ୍ତି। ଯଦି ତୁରନ୍ତ ଏହି ହିଂସ୍ର ମାଙ୍କଡ଼ଟିକୁ ଧରା ନଯାଏ, ତେବେ ଆଗାମୀ ଦିନରେ ପରିସ୍ଥିତି ଅତି ଭୟଙ୍କର ହେବାର ଆଶଙ୍କା ରହିଛି। ସ୍ଥାନୀୟ ଜନସାଧାରଣ ଏବେ ଶୀଘ୍ର ପ୍ରଶାସନିକ ହସ୍ତକ୍ଷେପ ଓ ସୁରକ୍ଷା ଦାବି କରୁଛନ୍ତି।

## ଦୁର୍ଘଟଣାରେ ଗୁରୁତର ମାଟ୍ରିକ୍ ଛାତ୍ରଙ୍କ ମୃତ୍ୟୁ



**ବିଞ୍ଝାରପୁର, ୧୨।୫(ସମିସ):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସଫଳତା ସହ ୫୧୫ ନମ୍ବର ରଖିଥିବା ଛାତ୍ର ପ୍ରୀତମ ନାୟକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗତ ମାର୍ଚ୍ଚ ୨ତାରିଖରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତ ଇଞ୍ଜାନପୁର ଗ୍ରାମର ଉମେଶ ନାୟକଙ୍କ ସାନପୁଅ ନିଜ ସାଙ୍ଗ ସହିତ ଏକ ବାଇକ୍‌ରେ ଯାଜପୁର ଯାଇଥିଲେ। ହେଲେ ଫେରିଲାବେଳେ ରାସ୍ତାକଡ଼ ବାଲିମୟ ହୋଇଥିବାରୁ ତାଙ୍କ ବାଇକ୍‌ଟି ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲା। ଏଥିରେ ବାଇକ ପଛରେ ବସିଥିବା ପ୍ରୀତମ ତଳେ ପଡ଼ି ସଞ୍ଜ୍ଞାହୀନ ଅବସ୍ଥାରେ ଗୁରୁତର ହୋଇପଡ଼ିଥିଲେ। ତାକୁ ଦୁର୍ଘଟଣାସ୍ଥଳରୁ ଉଦ୍ଧାର କରାଯାଇ ପ୍ରଥମେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ପ୍ରୀତମଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ହେଲେ ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ମୃତ୍ୟୁ ହୋଇଯାଇଥିଲା। ଏହି ଖବର ଜଣାପଡିବା ପରେ ଘଣ୍ଟିଆଳି ପଞ୍ଚାୟତ ସମେତ ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ପ୍ରୀତମ ଘର ନିକଟସ୍ଥ ସ୍ୱାମୀ ବିବେକାନନ୍ଦ ବିଦ୍ୟାଳୟର ଜଣେ ମେଧାବୀ ଛାତ୍ର ଥିଲେ।

## କୃଷକ ନେତା ରାଧାଚରଣ ପଣ୍ଡାଙ୍କ ଦେହାନ୍ତ



**ଧର୍ମଶାଳା, ୧୨।୫(ସମିସ):** ଧର୍ମଶାଳା ବ୍ଲକ ପାଟପୁର ପଞ୍ଚାୟତ ଫାଜିଲପୁର ଗ୍ରାମର କୃଷକ ନେତା ଓ ଗ୍ରାମ ମୁରବୀ ରାଧାଚରଣ ପଣ୍ଡା (୮୭)ଙ୍କ ଗତକାଲି ଦେହାନ୍ତ ହୋଇଯାଇଛି। ସେ କିଛିଦିନ ରୋଗ ଶଯ୍ୟାରେ ପଡ଼ି ଘରେ ଚିକିତ୍ସାଚିତ ହେଉଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହଲ, ନାତି, ନାତୁଣୀ ଉପସ୍ଥିତ ଥିଲେ। ସେ ଜଣେ କୃଷକ ନେତା ଭାବରେ ଧର୍ମଶାଳା ଅଞ୍ଚଳରେ ପରିଚିତ। ନୂତନ ପ୍ରଣାଳୀରେ ଚାଷ କାର୍ଯ୍ୟ କରିବାକୁ ବିଭିନ୍ନ ପଞ୍ଚାୟତର ପ୍ରଶିକ୍ଷଣ ଦେଇ ଚାଷୀ ମାନଙ୍କୁ ସ୍ୱାବଲମ୍ବୀ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭାବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସେହିପରି ଚତରପଦା ସତ୍ୟସାଇ ସେବା ସମିତିର କର୍ମକର୍ତ୍ତା ଓ ସଦସ୍ୟମାନେ ତାଙ୍କ ଶେଷ ଦର୍ଶନ କରିଥିଲେ। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ କଂଗ୍ରେସ ନେତା କିଶାନ ପଣ୍ଡା ତାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି। ପୁତ୍ର ଅଭିମନ୍ୟୁ ପଣ୍ଡା ମୁଖାଗ୍ନି ଦେଇଥିଲେ।

## କାରରୁ ୮ ବସ୍ତା ଗୋ-ମାଂସ ଜବତ



ବାରିକପୁର,୧୨।୫(ସମିସ): ଭଣ୍ଡାରିପୋଖରୀ ଥାନା ଛତାବର ବଳିଘାଇ ରାସ୍ତାରେ ଯାଉଥିବା ଏକ କାର୍‌ରୁ ଗୋ-ମାଂସ ଜବତ ହୋଇଛି। ପଶ୍ଚିମବଙ୍ଗ ନମ୍ବର ଥିବା ଡବ୍ଲ୍ୟୁବି ୨୪ ଆର୍ ୩୦୭୩ ଅଲ୍‌ଟୋ କାର୍ ଭିତରେ ପ୍ରାୟ ୮ ବସ୍ତା ଗୋ-ମାଂସ ଯାଉଥିବା ପୁଲିସ ଜାଣିବାକୁ ପାଇଥିଲା। ଗାଡ଼ିଟି ଯାଜପୁର ପଟୁ ବଳିଘାଇ ଦେଇ ଭଦ୍ରକ ଅଭିମୁଖେ ଯାଉଥିବାବେଳେ ରାସ୍ତାର ଭୂତିଆ ନିକଟରୁ ଥାନା ଅଧିକାରିଣୀ ଓ ସ୍ଥାନୀୟ ଲୋକେ ଏହାକୁ ଧରିଥିଲେ। ଘଟଣାସ୍ଥଳରୁ ଗାଡ଼ି ଚାଳକ ଫେରାର୍ ହୋଇଯାଇଥିଲା। ମାଂସ ଭର୍ତ୍ତି କାର୍‌କୁ ପୁଲିସ ନିଜ ହେପାଜତରେ ରଖିଥିବାବେଳେ ଖବର ଲେଖାହେବା ଯାଏଁ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାଯାଇଛି।

## ବୁଲା ଗୋରୁଙ୍କ ଯୋଗୁଁ ବଢୁଛି ଦୁର୍ଘଟଣା

ବନ୍ତ/ଆଗରପଡ଼ା,୧୨।୫(ସମିସ): ଆଗରପଡ଼ା ଅଞ୍ଚଳରେ କ୍ରମଶଃ ବୁଲା ଗୋରୁଗାଈଙ୍କ ଯୋଗୁଁ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଥିବାର ଜଣାପଡ଼ିଛି। ସ୍ଥାନୀୟ କାଣ୍ଡବା ସାଳନ୍ଦୀ ସେତୁ ଉପରେ ସଂଖ୍ୟାଧିକ ଗୋରୁଗାଈ ଦିନରାତି ଆଡ୍ଡା ଜମାଉଥିବାରୁ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେବା ସହ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି।



ଗୋରୁଗାଈମାନେ ରାସ୍ତା ଅବରୋଧ କରି ଠିଆ ହେଉଥିବାରୁ ବାଇକ୍ ଧକ୍କା ହୋଇ ଆରୋହୀମାନେ କ୍ଷତବିକ୍ଷତ ହେବା ସହ ୪ ଚକିଆ ଯାନ ଧକ୍କାରେ ଗୋରୁଗାଈମାନେ ଆହତ ହେଉଛନ୍ତି। ଆମ୍ବୁଲାନ୍ସ ଓ ଦମକଳ ପରି ଅତି ଜରୁରୀ ଗାଡ଼ିଗୁଡ଼ିକ ଏହି ଗୋରୁଗାଈଙ୍କ ରାସ୍ତା ଅବରୋଧ କରି ରହିବା ଫଳରେ ଯାତାୟାତ କରିବାରେ ଅହେତୁକ ବିଳମ୍ବ ଘଟୁଛି। ଯେତେ ହର୍ଣ୍ଣ ବଜାଇଲେ ସୁଦ୍ଧା ସେମାନେ ରାସ୍ତାରୁ ଘୁଞ୍ଚିବା କାଠିକର ପାଠ ହୋଇପଡିଛି। ମାଲିକମାନେ ଗୋରୁଗାଈମାନଙ୍କୁ ଗୁହାଳରେ ନ ବାନ୍ଧି ବେପରୁଆ ଢଙ୍ଗରେ ଏମାନଙ୍କୁ ଛାଡ଼ି ଦେଉଛନ୍ତି। ଏଥିଯୋଗୁଁ ଦୁର୍ଘଟଣାମାନ ଘଟୁଥିଲେ ସୁଦ୍ଧା ସେଥିପ୍ରତି ତାଙ୍କର କୌଣସି ନିଘା ରହୁନାହିଁ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ମରଣଯନ୍ତା ପାଲଟିଛି ଦୋଳସାହି-ବୋଡକ ପୂର୍ତ୍ତ ବିଭାଗ ରାସ୍ତା



ତିହିଡ଼ି,୧୨।୫(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି-ବୋଡକ ପୂର୍ତ୍ତ ବିଭାଗ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ମରାମତି କାର୍ଯ୍ୟ ହେଉ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଦୋଳସାହିରୁ ବୋଡକ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ସ୍ଥାନେ ସ୍ଥାନେ ଛୋଟ ବଡ଼ ଗର୍ତ୍ତ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଥିବାବେଳେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଦେଇ ହଜାର ହଜାର ଛାତ୍ରଛାତ୍ରୀ, ପଥଚାରୀ ଓ ସରକାରୀ କର୍ମଚାରୀ ଜିଲ୍ଲାର କୋଣ ଅନୁକୋଣକୁ ଗମନାଗମନ କରିଥା'ନ୍ତି। ଏହି ରାସ୍ତା ଉପରେ ଭାରୀଯାନ ଯାତାୟାତ କରିବା ନିୟମ ନ ଥିଲାବେଳେ ଦୈନିକ ଶହଶହ ସଂଖ୍ୟାରେ ଓଭରଲୋଡିଂ ହାଇୱା ଯାତାୟାତ କରୁଥିବା ନେଇ ରାସ୍ତାର ଅବସ୍ଥା ସଂକଟାପନ୍ନ ହେଉଥିବା ଦେଖିବାକୁ ମିଳୁଛି। ସେହିପରି ଏହି ରାସ୍ତା ମରାମତି ପାଇଁ କୋଟି କୋଟି ଟଙ୍କା ସରକାରଙ୍କ ପକ୍ଷରୁ ବ୍ୟୟବରାଦ ହେଉଥିବାବେଳେ ଏହି ମରାମତି କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।

## ମାଟ୍ରିକ୍ ମେଧାବୀ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ସମାରୋହ



ବାସୁଦେବପୁର,୧୨।୫(ସମିସ): ବାସୁଦେବପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ମାଟ୍ରିକ୍ ମେଧାବୀ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ସମାରୋହ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବ୍ଲକ୍ ଶିକ୍ଷାଧିକାରୀ ମଧୁସ୍ମିତା ଗିରି ସଭାପତିତ୍ୱ କରିଥିଲେ। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଶିକ୍ଷା ନାମରେ ଆମ ଉପରେ ବସ୍ତାନୀର ବୋଝ ଲଦି ଦିଆଯାଉଛି। ସମୟକୁ ନ ଜଗିଲେ ଆଗକୁ ଯାଇପାରିବା ନାହିଁ। ବଡ଼ ମଣିଷର ସ୍ୱପ୍ନ ଦେଖ। ସଫଳତା ପାଇବା ପରେ ଭଲ ମଣିଷଟିଏ ହୁଅ ବୋଲି ପରାମର୍ଶ ଦେଇଥିଲେ। ଶିକ୍ଷକ ଅମୀୟ ପାଣିଗ୍ରାହୀ ଆୟୋଜିତ ସଭାରେ ସଂଯୋଜନା କରିଥିଲେ। ସମ୍ବର୍ଦ୍ଧନା ସଭାରେ ଏବିଇଓ ଅମୀୟ ମହାଲିକ, ଏବିଇଓ ଉର୍ମିଳା କର, ଏବିଇଓ ତପନ ଦ୍ୱିବେଦୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବାସୁଦେବପୁର ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ଏ-୧ ପାଇଥିବା ୨୩ ଜଣ ଛାତ୍ରଛାତ୍ରୀଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ।

# ବିଦ୍ୟୁତ୍ କର୍ମଚାରୀଙ୍କ ଛଟେଇ ବିରୋଧରେ ଧାରଣା





ବାସୁଦେବପୁର,୧୨।୫(ସମିସ): ତାତିଲେ ଟିପିଏନ୍‌ଓଡିଏଲ୍ ବିଦ୍ୟୁତ୍ କର୍ମଚାରୀ। ଟାଟା କମ୍ପାନୀ ବିରୋଧରେ ପୁଞ୍ଜିଭୂତ ଅସନ୍ତୋଷ ପଦାକୁ ଆସିଲା। ରାସ୍ତାକୁ ଓହ୍ଲାଇଲେ ଶହଶହ କର୍ମଚାରୀ। ସବୁଠି ଠପ୍ ହୋଇପଡ଼ିଛି ବିଦ୍ୟୁତ୍ କାର୍ଯ୍ୟ। ବାସୁଦେବପୁର ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଆଗରେ କାମ ବନ୍ଦ କରି ଟିପିଏନ୍‌ଓଡିଏଲ୍ ବିଦ୍ୟୁତ୍ କର୍ମଚାରୀ ଧାରଣାରେ ବସିଲେ। ଟିପିଏନ୍‌ଓଡିଏଲ୍ (ଟାଟା) କମ୍ପାନୀ ମନୋମୁଖୀ ଭାବେ କାର୍ଯ୍ୟରତ କର୍ମଚାରୀଙ୍କୁ ଛଟେଇ କରୁଛି। କର୍ମଚାରୀମାନେ ମିଳିତ ଭାବେ କାମ ବନ୍ଦ କରି ଧାରଣାରେ ବସିରହିଛନ୍ତି। କର୍ମଚାରୀମାନେ ବର୍ଷ ବର୍ଷ ଧରି ଖରା ବର୍ଷା ଶୀତକୁ ଖାତିର୍ ନ କରି ଲୋକଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦେଇ ଆସୁଛନ୍ତି। ଏହି କର୍ମଚାରୀମାନଙ୍କୁ ଟାଟା ମନଇଚ୍ଛା ଗୋଟିଏ ପରେ ଗୋଟିଏ ଛଟେଇ କରି ଚାଲିଛି। କମ୍ପାନୀ ଦିନକୁ ଦିନ ନୀତି ନିୟମ ଆଳରେ କର୍ମଚାରୀଙ୍କୁ ଶୋଷଣ କରୁଛି। ଟାଟା କମ୍ପାନୀ ବିରୋଧରେ କର୍ମଚାରୀଙ୍କ ଅସନ୍ତୋଷ ବହ୍ନି ଦେଖାଦେଇଛି। ସାଧାରଣ ବିଦ୍ୟୁତ୍ ଗ୍ରାହକ ପରେ ଏବେ କର୍ମଚାରୀମାନେ ଆପଣେଇ ନେଇଛନ୍ତି ଆନ୍ଦୋଳନପନ୍ଥା। ଟାଟା କମ୍ପାନୀ କର୍ମଚାରୀମାରଣ ନୀତିକୁ ବିରୋଧ କରି ଧାରଣାରତ କର୍ମଚାରୀ ନାରା ଦେଉଥିଲେ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଫଟୋ ତଳେ ବସି ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ବିନା ନୋଟିସ୍‌ରେ ଛଟେଇକୁ ଦରଦାସ୍ତ କରାଯିବନାହିଁ ବୋଲି କର୍ମଚାରୀମାନେ କହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କହିଥିଲେ।

**ତିହିଡ଼ି:** ଟାଟା ପାୱାରର କର୍ମଚାରୀ ଛଟେଇକୁ ବିରୋଧ କରି ସରକାରୀ ନିଯୁକ୍ତ ଦାବିରେ ତିହିଡ଼ି ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀ ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ୨ ଘଣ୍ଟିଆ ଧାରଣା ଦେଇଥିଲେ। କମ୍ପାନୀର ଏକତରଫା ନିଷ୍ପତ୍ତି ବିରୋଧରେ ପ୍ରତିବାଦ କରିବା ସହ କମ୍ପାନୀ ବିରୋଧରେ ବିଭିନ୍ନ ନାରା ଦେଇଥିଲେ। ଯେଉଁ କର୍ମଚାରୀମାନେ ରାତିଦିନ ପରିଶ୍ରମ କରି କମ୍ପାନୀର କ୍ଷତିକୁ ୨୫.୧୭ ପ୍ରତିଶତରୁ ୭.୬୬ ପ୍ରତିଶତକୁ ଆଣିଥିଲେ ସେମାନଙ୍କୁ ଅତି ଅମାନବିକ ଭାବେ ଛଟେଇ କରାଯାଉଛି। ବହୁ ବୟସ୍କ କର୍ମଚାରୀମାନେ ଏହି ବୟସରେ କ'ଣ କରିବେ ତାହା ଏବେ ଚିନ୍ତାର କାରଣ ହୋଇଛି। ଏପରିକି ବିବାହ ଆଗ ଦିନ ଛଟେଇ ଚିଠି କମ୍ପାନୀ ପାଖରୁ ଆସିବା ପରେ ବିବାହ ମଧ୍ୟ ଭାଙ୍ଗିଯାଇଛି। ପରିବାରରେ ମଧ୍ୟ ଅଶାନ୍ତି ଦେଖାଦେଲାଣି। କମ୍ପାନୀ ଉତ୍ତର ଓଡ଼ିଶାରେ ଯଦି ଛଟେଇ ପ୍ରକ୍ରିୟା ଜାରି ରଖେ ତେବେ ଦାଦନ ଶ୍ରମିକ ସମସ୍ୟା ଉଗ୍ରରୂପ ଧାରଣ କରିବ। ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ କମ୍ପାନୀ ଯେଉଁ ଭାବରେ ଛଟେଇ କରିବାରେ ଲାଗିଛି ତାହା ବିରୋଧରେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ତିହିଡ଼ି ଉପଖଣ୍ଡ କାର୍ଯ୍ୟାଳୟ ଅଧୀନ କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମୋହନ ବେହେରା, ଡେପୁଟି ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ସଂଗଠକ ନନ୍ଦକିଶୋର ତ୍ରିପାଠୀ, ତିହିଡ଼ି ସେକ୍ସନ୍ ସଂଗଠକ ଗୋଲକ ବିହାରୀ ମଲ୍ଲିକ, ଯଶିପୁର ସଂଗଠକ ରଞ୍ଜନ ବେହେରା, ଚାନ୍ଦବାଲି ସଂଗଠକ ପୀତବାସ ଓଝା, ଦୋଳସାହି ସଂଗଠକ ନିରାକାର ସାମଲ, ବରିଷ୍ଠ ଲାଇନ୍‌ମ୍ୟାନ୍ ଆଶିଷ ସାହୁ, କାର୍ଯ୍ୟକାରୀ ସଂଗଠକ ସଞ୍ଜୀବ ସାହୁ ଓ ପ୍ରଫୁଲ୍ଲ ସାମନ୍ତଙ୍କ ନେତୃତ୍ୱରେ ଉପଖଣ୍ଡ ଅଧୀନରେ କାର୍ଯ୍ୟରତ ଶତାଧିକ କର୍ମଚାରୀ ଧାରଣା ଦେଇଥିଲେ।

## କବି ପ୍ରଭାତନଳିନୀଙ୍କ ସ୍ମୃତିସଭା



ଭଦ୍ରକ,୧୨।୫(ସମିସ): ଡ. ପ୍ରଭାତନଳିନୀ ମହାପାତ୍ର ଏକାଧାରରେ ଜଣେ ଶିକ୍ଷାବିତ୍, କବି, ଗବେଷକ, ଆଧ୍ୟାତ୍ମ୍ୟବାଦୀ ତଥା ସାମାଜିକ ପ୍ରତିବଦ୍ଧତା ଥିବା ବ୍ୟକ୍ତିତ୍ୱ ଥିଲେ। ସ୍ଥାନୀୟ ଭାଗବତ ମଣ୍ଡପଠାରେ ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ସଞ୍ଚାଳନାରେ ତାଙ୍କ ଏକାଦଶାହରେ ଅନୁଷ୍ଠିତ ସ୍ମୃତିସଭାରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏହା ପ୍ରକାଶ କରିଛନ୍ତି। ଡ. ଶଶଧର ଦାସ, ଡ. ମନୀନ୍ଦ୍ର ମହାନ୍ତି, ଡ. ଗୋଲକ ବିହାରୀ ସାହୁ, ଅଜୟ ନାୟକ, ଡା. ରବୀନ୍ଦ୍ର କୁମାର ନାୟକ, ମାନସ ମହାପାତ୍ର, ଶୈଳବାଳା ମହାପାତ୍ର, କୈଳାସ ଚନ୍ଦ୍ର ପଣ୍ଡା, ଗୀତାରାଣୀ ଆଇଚ, ସୁଚିତ୍ରା ପାଣିଗ୍ରାହୀ, ଡ. ସୁକାନ୍ତି ମହାପାତ୍ର, ଡ. ସୋମା ଚାନ୍ଦ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସଂଗ୍ରାମ ଆଚାର୍ଯ୍ୟ, ବିଜୟ ବହଳୀ, ଅଟଳବିହାରୀ ନାୟକ, ସୃଷ୍ଟିଧର ପରିଡ଼ା, ସମରେନ୍ଦ୍ରନାଥ ମହାପାତ୍ର, ମମତା ମହାପାତ୍ର, କଲ୍ୟାଣୀ ନନ୍ଦ, ସ୍ମୃତି ଦାସ, ହରମୋହନ କୁଅଁର, ଲଲାଟେନ୍ଦୁ ମହାନ୍ତି, କୈଳାସ ମହାପାତ୍ର, ଡ. ଅବନୀ ପ୍ରଧାନ, ଅରୁଣ ଖିଲାର, ଚୈତାଳି ଖିଲାର, ସଂଯୁକ୍ତା ବଳ, ମନୋରମା ରାୟ, ଜାନକୀ ପାଢ଼ୀ, ମନୋରଞ୍ଜନ ଦାସ, ଅଭିଜିତ୍ ନାୟକ, ମନୋରମା ଆଚାର୍ଯ୍ୟ, ଲକ୍ଷ୍ମୀକାନ୍ତ ବାରିକ, ବାବୁଲାଲ ଦାସ, ସୁଧାକର ରାଉତ, ଅଂଶୁମାନ ସ୍ୱାଇଁ, ଅମରେନ୍ଦ୍ର ପାଣିଗ୍ରାହୀ ଓ ରୂପକବିହାରୀ ରାୟ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସୋନମ୍ ମିଶ୍ରଙ୍କ ଦ୍ୱାରା ଅନୁଦିତ ସ୍ୱର୍ଗତ ମହାପାତ୍ରଙ୍କ କବିତା ସଂକଳନ 'ଔର ଭି କୁଛ କହେନା ହେ' ଲୋକାର୍ପିତ ହେବା ସହ ତାଙ୍କ ପରିବାର ତରଫରୁ ଗାନ୍ଧୀ ବାଳାଶ୍ରମକୁ ଝରଣା ପଟ୍ଟନାୟକଙ୍କ ଜରିଆରେ ୧୫ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଡ. ରାଧାରାଣୀ ମହାପାତ୍ର କବିଙ୍କ ସୃଜନ, ଶୈକ୍ଷିକ ଓ ବ୍ୟକ୍ତିଗତ ଜୀବନ ଉପରେ ସୂଚନା ପ୍ରଦାନ କରିଥିଲେ ଓ ଶୈଳେନ୍ଦ୍ର ନାରାୟଣ ପାଢ଼ୀ ବେଦପାଠ କରିଥିଲେ। ସ୍ୱାମୀ ଦାଶରଥୀ ଦାଶ, ଭଗ୍ନି ସରୋଜିନୀ ମହାପାତ୍ର, ପୁତ୍ର ପୁଣ୍ୟକାମ ଓ ସତ୍ୟକାମ ଏବଂ ବୋହୂ ଶୁଭଶ୍ରୀ ଓ ଜସ୍ମିନ୍ ସଭା ପରିଚାଳନାରେ ସହାୟତା କରିଥିଲେ। ଶେଷରେ କଣ୍ଠଶିଳ୍ପୀ ରୁଦ୍ରମାଧବ ବାରିକ ଓ ଦେବେନ୍ଦ୍ର ପଣ୍ଡା ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ।

## ନିର୍ମଳଝରର ଲୋକାର୍ପିତ

ଦୋଳସାହି,୧୨।୫(ସମିସ): ତିହିଡ଼ି ସତ୍ୟସାଇ ଫାଉଣ୍ଡେସନ ତିହିଡ଼ି ସହାୟତାରେ ୧୦ମ ସାଇ ଜଗବନ୍ଧୁ ନିର୍ମଳଝରର ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ସୋମବାର ତିହିଡ଼ି ପୁରୁଣା ହାଟ ନିକଟରେ ଲୋକାର୍ପିତ ହୋଇଯାଇଛି। ଶ୍ରୀସତ୍ୟସାଇ ସେବା ସଂଗଠନର ରାଜ୍ୟ ଉପସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପକୁ ଲୋକାର୍ପଣ କରିଥିଲେ। ବରେଣ୍ୟ ଅତିଥି ଭାବେ ଭଦ୍ରକ-୧ ଜିଲ୍ଲା ସଭାପତି ଡା. ରଞ୍ଜିତ ଖଟୁଆ, ତିହିଡ଼ି ଥାନା ଆଇଆଇସି ଲୋପାମୁଦ୍ରା ନାୟକ, ସତ୍ୟସାଇ ଟ୍ରଷ୍ଟ ରାଜ୍ୟ ସଦସ୍ୟ ଇଂ. ସନାତନ ପାତ୍ର, ମନୋଜ ନାୟକ, ଶାନ୍ତିଲତା ବିଶ୍ୱାଳ, ତିହିଡ଼ି ସମିତି ଆବାହକ ସଞ୍ଜୟ ମହାପାତ୍ର ଯୋଗଦେଇଥିଲେ। ତିହିଡ଼ିର ସଂଗଠନର ସକ୍ରିୟ କର୍ମୀ ରବୀନ୍ଦ୍ର ଦାସ, କୈଳାସ ରାଉଳ, ହିମାଂଶୁ ନାୟକ, ରାଜେନ୍ଦ୍ର ଜେନା, ନକୁଳ ମହାପାତ୍ର, ବିଜୟ ନାୟକ, ଭରତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଫାଉଣ୍ଡେସନ ଟ୍ରଷ୍ଟି ପାର୍ଥସାରଥୀ ନାୟକ ଫାଉଣ୍ଡେସନ ୯ ବର୍ଷରେ ପଦାର୍ପଣ କରିଥିବାବେଳେ ଗରିବ ରୋଗୀଙ୍କୁ ଚିକିତ୍ସାରେ ସହାୟତା, ଗରିବ ମେଧାବୀ ପିଲାଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ସହାୟତା, ଚାରାରୋପଣ ଇତ୍ୟାଦି ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟ ଜାରି ରଖିଥିବା ସୂଚନା ଦେଇଥିଲେ। ଏହି ଅବସରରେ ସୁଶାନ୍ତ ଜେନା, ଦେବବ୍ରତ ଜେନା, ଅଜୟ ଜେନାଙ୍କୁ ଚିକିତ୍ସା ନିମନ୍ତେ ୧୦ ହଜାର ଟଙ୍କା ଲେଖାଏଁ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଇଥିଲା।

## ଗାନ୍ଧୀ ବାଳାଶ୍ରମରେ ଗୋପବନ୍ଧୁ ଚୌଧୁରୀଙ୍କ ଜୟନ୍ତୀ



ଭଦ୍ରକ,୧୨।୫(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସର୍ବୋଦୟ ସଂଗଠକ ଗୋପବନ୍ଧୁ ଚୌଧୁରୀଙ୍କ ୧୩୧ତମ ଜୟନ୍ତୀ ଗାନ୍ଧୀ ବାଳାଶ୍ରମ ଓ ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳ ମିଳିତ ଆନୁକୂଲ୍ୟରେ ଗାନ୍ଧୀ ବାଳାଶ୍ରମରେ ପାଳିତ ହୋଇଯାଇଛି। ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବରୀ ସେବା ଘର ତଥା ଯାଜପୁର ଜିଲ୍ଲା ସର୍ବୋଦୟ ମଣ୍ଡଳ ସମ୍ପାଦକ ନିମାଇଁ ଚରଣ ରାୟ, ମୁଖ୍ୟବକ୍ତା ଭାବେ ଗାଳ୍ପିକ ମଦନମୋହନ ମହାକୁଡ଼, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ତଥା ଉପଦେଷ୍ଟା ଡ. ରାମଚନ୍ଦ୍ର ପଣ୍ଡା, ଜିଲ୍ଲା ଶିଶୁମଙ୍ଗଳ ସମିତି ବରିଷ୍ଠ ସଦସ୍ୟ ପ୍ରଦୀପ୍ତ କୁମାର କର, ଗାନ୍ଧୀ ବିଚାର ମଞ୍ଚ ସମ୍ପାଦକ ସୁଧାକର ରାଉତ ଓ ଶିକ୍ଷକ କାଲାମ ଖାଁ ପ୍ରମୁଖ ଯୋଗେଦଇ ସ୍ୱର୍ଗତ ଚୌଧୁରୀଙ୍କ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ, ଦେଶପ୍ରେମ, ସମାଜସେବା, ନାରୀ ଶିକ୍ଷା, ନିଶା ନିବାରଣ, କୁଷ୍ଠ ରୋଗୀଙ୍କ ସେବା, ଆର୍ଥିକ ସମତା, ରାଷ୍ଟ୍ରଭକ୍ତି ଓ ଭୂଦାନ ଆନ୍ଦୋଳନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଯଥାର୍ଥରେ ସେ ଥିଲେ ଜଣେ ସ୍ୱଚ୍ଛ ଗାନ୍ଧୀବାଦୀ ଓ ରଚନାତ୍ମକ କର୍ମୀ। ସତ୍ୟ, ଅହିଂସା, ସର୍ବୋଦୟ, ସତ୍ୟାଗ୍ରହ ପରି ସ୍ୱର୍ଗତ ଚୌଧୁରୀଙ୍କ ଆଦର୍ଶରେ ଆମେ ଅନୁପ୍ରାଣିତ ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଗାନ୍ଧୀ ବାଳାଶ୍ରମ ସମ୍ପାଦକ ଅଶୋକ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ସର୍ବୋଦୟ ମଣ୍ଡଳ ଉପସଭାପତି ନାରାୟଣ ଚନ୍ଦ୍ର ପାଢ଼ୀ ସଭାର ଉଦ୍ଦେଶ୍ୟ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ରମାକାନ୍ତ ପାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଧ୍ୟାପକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ଭଦ୍ରକ,୧୨।୫(ସମିସ): ଭଦ୍ରକ ଉତ୍ତର ବାହିନୀସ୍ଥିତ ସାଳନ୍ଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବରିଷ୍ଠ ଇଂରାଜୀ ଅଧ୍ୟାପକ ରବୀନ୍ଦ୍ର କୁମାର ପାଢ଼ୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟଅତିଥି ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ବିଜୟ କୁମାର ଦାସ ଓ ପ୍ରାକ୍ତନ ଅଧ୍ୟାପକ ଶୁଭକାନ୍ତ କୁଅଁର ଯୋଗଦେଇଥିଲେ। ଯୁକ୍ତ ୩ କଲେଜ ଅଧ୍ୟକ୍ଷା ରାଜଶ୍ରୀ ନାୟକ ଅନ୍ୟତମ ଅତିଥି ଭାବରେ ଯୋଗଦେଇଥିଲେ। ଅଧ୍ୟାପିକା ମଧୁମିତା ସ୍ୱାଇଁ, ବିଶ୍ୱଜିତ୍ ରାଉତ ମଧ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ସଭାରେ ଅଧ୍ୟାପିକା ଅଳକା ସାହୁ, ଅଧ୍ୟାପିକା କୁଦୁସିଆ ଜମାଲ, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ଦାସ, ଅଧ୍ୟାପକ ଦେବେନ୍ଦ୍ର ପ୍ରସାଦ ସାହୁ, ଅଧ୍ୟାପିକା ମମତା ଜେନା, ଅଧ୍ୟାପକ ଲକ୍ଷ୍ମଣ କିଷାନ୍, ସାଦବ୍ କାଦ୍ରୀ, ସଂଯୁକ୍ତା ପାଢ଼ୀ, ସୁଷମା ସାହୁ, ବବିତା ମହାନ୍ତି, ଅମର ପରିଡ଼ା ଓ ପ୍ରଭାତ ପ୍ରଧାନ ପ୍ରମୁଖ ସହାୟତା କରିଥିଲେ। ଯୁକ୍ତ ୩ କଲେଜ ଅଧ୍ୟାପକ ଅଚ୍ୟୁତାନନ୍ଦ ନାୟକ ଓ ସ୍ମୃତିରଞ୍ଜନ ସ୍ୱାଇଁ ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କଳା ସଂସ୍କୃତିକୁ ବଜାୟ ରଖିଛନ୍ତି ପାଲା ଗାୟକ ପ୍ରବୋଧ ନାୟକ



ଅସୁରାଳି,୧୨।୫(ସମିସ): ଆଧୁନିକ ସଭ୍ୟତାର ଚାକଚକ୍ୟରେ ଓଡ଼ିଆଙ୍କ ପାରମ୍ପରିକ ଲୋକକଳା 'ପାଲା' ଧୀରେ ଧୀରେ ନିଶ୍ଚିହ୍ନ ହୋଇଯାଉଥିବା ବେଳେ, ଏହାର ସୁରକ୍ଷା ଓ ପ୍ରଚାରପ୍ରସାର ପାଇଁ ନିଜକୁ ସମର୍ପିତ କରିଛନ୍ତି ପାଲା ଗାୟକ ପ୍ରବୋଧ ନାୟକ। ହସନାବାଦ ପଞ୍ଚାୟତ ଅନ୍ତର୍ଗତ ପଙ୍ଗଟା ଗାଁର ଏହି ଅନୁଭବୀ ଶିଳ୍ପୀ ଆଜି ନିଜର ନିଷ୍ଠା ଓ କଳାନୈପୁଣ୍ୟ ଯୋଗୁଁ ସମଗ୍ର ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପିତା ଉଗ୍ରେସନ ଓ ମାତା ନେତ୍ରମଣିଙ୍କ ସୁପୁତ୍ର ପ୍ରବୋଧଙ୍କ କଳାତ୍ମକ ଯାତ୍ରା ୧୯୮୩ ମସିହାରୁ ଆରମ୍ଭ ହୋଇଥିଲା। ଗୁରୁ କରୁଣାସିନ୍ଧୁ ନାୟକଙ୍କ ନିର୍ଦ୍ଦେଶନାରେ ପାଲା ଶିକ୍ଷା କରି ସେ ନିଜର ଗାୟନଶୈଳୀକୁ ଏପରି ଶାଣିତ କରିଛନ୍ତି ଯେ, ଓଡ଼ିଶାର ଏପରି କୌଣସି ଜିଲ୍ଲା ନାହିଁ ଯେଉଁଠାରେ ସେ ପାଲା ପରିବେଷଣ କରି ସୁଖ୍ୟାତି ଅର୍ଜନ କରିନାହାନ୍ତି। ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ସେ ନିଜର ଅସାଧାରଣ ପ୍ରତିଭା ପ୍ରଦର୍ଶନ କରି ଦର୍ଶକଙ୍କ ମନ ଜିଣିଛନ୍ତି। ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ବିହାରରେ ମଧ୍ୟ ସେ ଜଣେ ଜଣାଶୁଣା ପାଲା ଗାୟକ ଭାବେ ବେଶ୍ ପ୍ରସିଦ୍ଧିଲାଭ କରିଛନ୍ତି। ସେଠାରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଲା ପରିବେଷଣ କରି ସେ ଓଡ଼ିଆ କଳା ଓ ସଂସ୍କୃତିର ବିଜୟ ଧ୍ୱଜା ଉଡ଼ାଇଛନ୍ତି। ପାଲା ମାଧ୍ୟମରେ ସଂସ୍କୃତି, ଧର୍ମ ଏବଂ ସମାଜ ସଂସ୍କାରର ବାର୍ତ୍ତା ପହଞ୍ଚାଇବାକୁ ସେ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି।

### ଆଖୁଆପଦା ଆନିକଟ

# ମରାମତି ବିନା ବନ୍ୟା ପରିଚାଳନା ଅସମ୍ଭବ

ବାରିକପୁର,୧୨।୫(ସମିସ)



ବର୍ଷା ଋତୁ ଆଗମନକୁ ଦିନ କେତେଟା ବାକି ରହିଥିବାବେଳେ ଚଳିତ ବର୍ଷ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସାଧାରଣତଃ ପହିଲି ରଜ ପରେ ମଧ୍ୟମ ଧରଣର ବର୍ଷା ହେଲେ ଭଣ୍ଡାରିପୋଖରୀ ଦେଇ ଯାଇଥିବା ବୈତରଣୀ ନଦୀରେ ବନ୍ୟା ଆଶଙ୍କା ଦେଖାଦେଇଥାଏ। ଏହା ପୂର୍ବରୁ ନଦୀ ବନ୍ଧଗୁଡ଼ିକରେ ଥିବା ଦୁର୍ବଳ ତଥା ବିପଦସଙ୍କୁଳ ସ୍ଥାନକୁ ମରାମତି କରାଯାଇଥାଏ। ବୈତରଣୀ ନଦୀ ବନ୍ୟା ଯୋଗୁଁ ଭଣ୍ଡାରିପୋଖରୀ ସମେତ ଧାମନଗର, ଚାନ୍ଦବାଲି ବ୍ଲକ୍ ପ୍ରଭାବିତ ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନଦୀରେ ଜଳସ୍ତର ବୃଦ୍ଧି ହେଲେ ଆଖୁଆପଦା ଆନିକଟଠାରେ ବନ୍ୟା ଜଳକୁ ଆନୁପାତିକ ଭାବେ ସୁଚାରୁ ରୂପେ ପରିଚାଳନା କରାଯାଇଥାଏ। ବନ୍ୟା ଜଳ ପରିଚାଳନା ପାଇଁ ନଦୀ ଗର୍ଭରେ ୩୧୨ ମିଟର ଦୈର୍ଘ୍ୟ ବିଶିଷ୍ଟ କଂକ୍ରିଟ ବନ୍ଧ ରହିଥିବାବେଳେ ସେଥିରେ ଟ୍ରେ ସଟର ମଧ୍ୟ ରହିଛି। ଏହାଛଡ଼ା ଆଖୁଆପଦା ପାଶ୍ୱର୍ରେ ଦୁଇଟି ଓ ମାଳ ଆନନ୍ଦପୁର ବୈତରଣୀ ସଂଯୁକ୍ତ ବୁଢ଼ା ନଦୀରେ ଗୋଟିଏ ବୃହତ୍ ଲୁହା ସଟର ମଧ୍ୟ ନିର୍ମାଣ ହୋଇଛି। ସୂଚନା ମୁତାବକ, ୧୯୯୫-୯୬ରେ ଚାଷ ଜମିକୁ ଜଳ ଯୋଗାଣ ସହିତ ବନ୍ୟା ଜଳ ପରିଚାଳନା ପାଇଁ ଆନିକଟ ନିର୍ମିତ ହୋଇଥିବାବେଳେ ଦୀର୍ଘ ବର୍ଷ ମଧ୍ୟରେ ଏହାର ଆଉ ସେମିତି ନବୀକରଣ କାର୍ଯ୍ୟ ହୋଇନାହିଁ। ଜଳସମ୍ପଦ ବିଭାଗ ପକ୍ଷରୁ ବେଳେବେଳେ ଆନିକଟ ସଟର ସହିତ ଅନ୍ୟ କିଛି ବୈଦ୍ୟୁତିକ ଯନ୍ତ୍ରାଂଶଗୁଡ଼ିକୁ ମରାମତି କରାଯାଇଥାଏ। ପରିତାପର ବିଷୟ ଚଳିତ ବର୍ଷ ଏହା ଉପରେ ବିଭାଗୀୟ ଅଧିକାରୀମାନେ ମରାମତି ପାଇଁ ଏଯାଏଁ ଧ୍ୟାନ ଦେଉନାହାନ୍ତି। ନଦୀ ମଧ୍ୟରେ ନିର୍ମିତ କଂକ୍ରିଟ୍ ୱାଲ୍ ତଳ ଭାଗରେ ଥିବା ପଥର ପ୍ୟାକିଙ୍ଗ୍ କେବେଠାରୁ ନଷ୍ଟ ହୋଇଯାଇଛି। ଏପରିକି ବଡ଼ ବଡ଼ ପଥର ସବୁ ନଦୀ ଅବବାହିକାରେ ଏଣେତେଣେ ବିକ୍ଷିପ୍ତ ଭାବେ ପଡ଼ି ରହିଛି। ଏଥିଯୋଗୁଁ ନଦୀ ମଧ୍ୟରେ ଥିବା କଂକ୍ରିଟ ବନ୍ଧ ଦୁର୍ବଳ ହେଉଥିବା କୁହାଯାଇଛି। ଟ୍ରେ ସଟର, ବିଦ୍ୟୁତ୍ ସଂଯୋଗ ଓ ବନ୍ୟା ଜଳ ନିଷ୍କାସନ ପାଇଁ ଥିବା ଲୁହା ଗେଟ୍‌କୁ ମଧ୍ୟ ଏଯାଏଁ ପରୀକ୍ଷା ନିରୀକ୍ଷା ସହିତ ମରାମତି କରାଯାଉନାହିଁ। କେବଳ ବନ୍ୟା ଜଳ ମାପିବା ପାଇଁ ଥିବା ଗେଜ୍‌କୁ ରଙ୍ଗ ଦିଆଯାଇଛି। ବର୍ଷା ଦିନ ପୂର୍ବରୁ ଆନିକଟ ମରାମତି କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଏହା ଉପରେ ଦୃଷ୍ଟି ନ ଦେବା ପରିତାପର ବିଷୟ ପାଲଟିଛି। ବିଭାଗ ପକ୍ଷରୁ କେବେ ମରାମତି କାର୍ଯ୍ୟ ହେବ ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। ଏନେଇ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ସାମଲଙ୍କୁ ପଚାରିବାରୁ ସେ ଏ ବାବଦରେ ଅଧସ୍ତନ ଅଧିକାରୀଙ୍କୁ କହିଥିବା ସୂଚନା ଦେଇଛନ୍ତି। କେବେ ବିଭାଗୀୟ ଅଧିକାରୀ ଏ ଦିଗରେ ତତ୍ପରତା ପ୍ରକାଶ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ: ରୟାଲ ଇଲେଭେନ ଚାମ୍ପିଅନ




ଧାମନଗର,୧୨।୫(ସମିସ): ଧାମନଗର ଏନ୍‌ଏସି ଅନ୍ତର୍ଗତ ୩ ନମ୍ବର ୱାର୍ଡ ଅଧୀନସ୍ଥ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍ ପରିସରରେ କ୍ରାନ୍ତି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଇଲେଭେନ୍ ଫଲୋର୍ସକୁ ପରାସ୍ତ କରି ରୟାଲ ଇଲେଭେନ୍ ଚାମ୍ପିଅନ ହୋଇଛି। ଏଥିରେ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ସେକ୍ ମୁକ୍ତାର ଅହେମ୍ମଦଙ୍କ ତତ୍ତ୍ୱାବଧାନରେ ଗତ ମାସ ୨୪ତାରିଖରୁ ଆରମ୍ଭ ହୋଇଥିବାବେଳେ ଏଥିରେ ୧୨ଟି ଟିମ୍ ଭାଗ ନେଇଥିଲେ। ଗତ ୧୦ ତାରିଖ ଉଦ୍‌ଯାପନୀ ଦିବସରେ ରୟାଲ ଇଲେଭନ ଏବଂ ଇଲେଭନ ଫଲୋର୍ସ ମଧ୍ୟରେ ୨୦ ଓଭର ବିଶିଷ୍ଟ ଫାଇନାଲ୍ ଖେଳ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହେମେନ୍ଦ୍ର ମହାନ୍ତି, ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀ, ମନ୍ମଥ କୁମାର ରାଉତ, ଏମ୍‌ଡି ହବିବୁଲ କରିମ୍, ସମାଜସେବୀ ସେକ୍ ହଲିମ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ା ହେଉଛି ଭାଇଚାରାର ପ୍ରତୀକ ଓ ନୂତନ ଆଶାର ସଞ୍ଚାର ଏବଂ ଶରୀରର ବ୍ୟାୟାମର ଅଂଶ ବିଶେଷ ବୋଲି ସୂଚନା ପ୍ରଦାନ କରିଥିଲେ। ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ ସହିତ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଓଲି ମହମ୍ମଦ ଏବଂ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଜ୍ୟୋତି ପ୍ରକାଶ ବାରିକ, ସ୍କୋରର ଗୁଗୁଲ ରାଉତଙ୍କୁ ସମ୍ମାନିତ କରାଯାଇଥିଲା। କିଶୋର ନାୟକ ଓ ମଳୟ ରଞ୍ଜନ ଜେନା ଖେଳ ପରିଚାଳନା କରିଥିଲେ। କେପିଏଲ୍‌ର ଅଧ୍ୟକ୍ଷ ବିଶ୍ୱଜିତ ବାରିକ ଧାରା ବିବରଣୀ ପ୍ରଦାନ କରିଥିବାବେଳେ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ସେକ ମୁକ୍ତାର ଅହେମ୍ମଦ ଧନ୍ୟବାଦ ଦେଇଥିଲେ।

